**ସଂକ୍ଷେପରେ**

## ସଂଖ୍ୟାଲଘୁ ବସ୍ତିରେ ୨ ବଖରା ଜଳିଗଲା

**କୁଜଙ୍ଗ,୨୪।୫(ମନୋଜ ପ୍ରଧାନ)**

କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମରେ ଭୋର ସମୟରେ ଅଗ୍ନିକାଣ୍ଡ ଘଟି ସଂଖ୍ୟାଲଘୁ ବସ୍ତିର ଗୋଟିଏ ପରିବାରର ୨ ବଖରା ଜଳିଯାଇଛି। ଖବରପାଇ କୁଜଙ୍ଗରୁ ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିବାବେଳକୁ ସବୁ ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡରେ ସଂଖ୍ୟାଲଘୁ ବସ୍ତିର ଜାକିର ଖାଁ(ଗୁଁଠୁଲି) କ୍ଷତିଗ୍ରସ୍ତ ହୋଇଛନ୍ତି। ତାଙ୍କର ଓ ପୁଅଙ୍କ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ି ଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ୍ୟ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ପଙ୍କପାଳରେ ଏକ ଯାତ୍ରା ପଡ଼ିଥିଲା। ତାଙ୍କ ସ୍ତ୍ରୀ ସସୀମା ବିବି ଓ ଅନ୍ୟମାନେ ଏହି ଯାତ୍ରା ଦେଖିବାକୁ ଯାଇଥିଲେ। ଶୁକ୍ରବାର ପ୍ରାୟ ଭୋର ୪ଟାରେ ଗୁଁଠୁଲିଙ୍କ ଉପରେ ନିଆଁ ଖଣ୍ଡେ ପଡିବାରୁ ସେ ନିଦରୁ ଉଠି ପଡ଼ିଥିଲେ। ଘରଜଳୁଥିବା ଦେଖି ଚିତ୍କାର କରି ଜୀବନ ବିକଳରେ ଘରୁ ପଦାକୁ ଡେଇଁ ପଡିଥିଲେ। ସୌଭାଗ୍ୟବଶତଃ ଘରକୁ ଲାଗିଥିବା ଗୁହାଳ ଘର ଓ ସେଥିରେ ଥିବା ଛେଳିଗୁଡିକ ରକ୍ଷା ପାଇଯାଇଛନ୍ତି। ଖବରପାଇ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ ପୀଡ଼ିତ ପରିବାକୁ ଭେଟି ଶାନ୍ତ୍ୱନା ଦେଇଛନ୍ତି। ଏଥିସହ ରନ୍ଧା ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି ଦେବା ସହ ଜରି ପାଲ ମଧ୍ୟ ଦେଇଛନ୍ତି।

# ଭୋଟ ଦେଲେ ପୋଲିଂ କର୍ମଚାରୀ



ମତଦାନ କରିବାକୁ ପୋଲିଂ କର୍ମଚାରୀମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।



ଅଧିକାରୀମାନେ ପୋଲିଂ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

**ଯାଜପୁର ଟାଉନ,୨୪।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)**

### ଚୂଡ଼ାନ୍ତ ପ୍ରଶିକ୍ଷଣ ନେଲେ ୩୦୬୭ ପୋଲିଂ କର୍ମଚାରୀ

ଜୁନ୍ ୧ରେ ଯାଜପୁର ଜିଲାରେ ମତଦାନ କରାଯିବ। ଯାଜପୁର(ସଂରକ୍ଷିତ) ଲୋକ ସଭା ଆସନ ସମେତ ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରେଇ ଏବଂ ସୁକିନ୍ଦା ବିଧାନସଭା ଆସନ ନିମନ୍ତେ ଏହି ମତଦାନ ଅନୁଷ୍ଠିତ ହେବ। ଏହାକୁ ନେଇ ଶୁକ୍ରବାର ଏନ୍‌ସି କଲେଜଠାରେ ୨ଟି ପର୍ଯ୍ୟାୟରେ ବିଞ୍ଝାରପୁର (ସଂରକ୍ଷିତ) ବିଧାନସଭା ଆସନ ନିମନ୍ତେ ୨୬୬ ଗ୍ରୁପ ଅନ୍ତର୍ଭୁକ୍ତ ୧୫୭୮ ପୋଲିଂ କର୍ମଚାରୀ ଚୂଡ଼ାନ୍ତ ପ୍ରଶିକ୍ଷଣ ନେଇଛନ୍ତି। ସେହିପରି ବରୀ ବିଧାନସଭା ଆସନ ନିମନ୍ତେ ୨୩୧ ଗ୍ରୁପ୍ ଅନ୍ତର୍ଭୁକ୍ତ ୧୪୮୯ ପୋଲିଂ କର୍ମଚାରୀ ପ୍ରଶିକ୍ଷଣ ନେଇଛନ୍ତି। ମୋଟ୍ ୩୦୬୭ ପୋଲିଂ କର୍ମଚାରୀ ଏହି ପ୍ରଶିକ୍ଷଣ ନେଇଛନ୍ତି। ଏଥିସହିତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଲିଂ କର୍ମଚାରୀମାନେ ପୋଷ୍ଟାଲ ବାଲଟରେ ମତଦାନ କରିଛନ୍ତି।

୭ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୭ ମତଦାନ କକ୍ଷ କରାଯାଇ ଲୋକ ସଭା ଏବଂ ବିଧାନସଭାରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ନିମନ୍ତେ ଭୋଟ ଗ୍ରହଣ କରାଯାଇଛି। ପୋଷ୍ଟାଲ ବାଲଟ ଭୋଟରମାନେ ଭୋଟ ଦେଇ ବନ୍ଦ ଲଫାପାକୁ ଲୋକ ସଭା ଓ ବିଧାନସଭା ପାଇଁ ପୃଥକ ବାକ୍ସରେ ପକାଇଛନ୍ତି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋଟଦାନ ପ୍ରକ୍ରିୟାକୁ ସୁଚାରୁ ରୂପେ ସମ୍ପାଦନ କରାଯାଇଛି। ଭୋଟଦାନ କକ୍ଷରେ ନିଯୁକ୍ତ ସହକାରୀ ରିଟର୍ନିଂ ଅଫିସର, ଆଟେଷ୍ଟିଂ ଅଫିସର, ପୋଲିଂ ଅଫିସର ଏବଂ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଏଜେଣ୍ଟମାନଙ୍କ ଉପସ୍ଥିତିରେ ପୋଷ୍ଟାଲ ବାଲଟ ଭୋଟିଂ ସମ୍ପାଦିତ ହୋଇଛି।

ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଡ. କରୁଣା କୁମାରୀ ଏବଂ ବିଶ୍ରାମ ମୀନା ୨ଟି ପର୍ଯ୍ୟାୟରେ ପୋଲିଂ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବା ସହ ପୋଷ୍ଟାଲ ଭୋଟିଂ କାର୍ଯ୍ୟକୁ ଅନୁଧ୍ୟାନ କରିଛନ୍ତି। ପୋଲିଂ କର୍ମଚାରୀମାନଙ୍କ ମଧ୍ୟରେ ୧୬୭୨ ଭୋଟର ଲୋକ ସଭା ଓ ବିଧାନସଭା ନିମନ୍ତେ ନିଜର ମତ ସାବ୍ୟସ୍ତ କରିଛନ୍ତି। ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଶୁଭେନ୍ଦ୍ର କୁମାର ସାମଲ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ଅଂଶୁମାନ ଶତପଥୀ, ଜିଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଶ୍ମିରେଖା ପ୍ରଧାନ, ଅତିରିକ୍ତ ଉପଜିଲାପାଳ ମନୋରମା ଜାଲି, ଡେପୁଟି କଲେକ୍ଟର(ନିର୍ବାଚନ) ରଶ୍ମି ରଞ୍ଜନ ମଲ୍ଲିକ, ଡେପୁଟି କଲେକ୍ଟର ଶାଶ୍ୱତୀ ସାଡୁଆଳ ଓ ସୋନମ ଦାସଙ୍କ ସମେତ ବିଡିଓ ଏବଂ ତହସିଲଦାରମାନେ ଉପସ୍ଥିତ ରହି ନିର୍ବାଚନ କାର୍ଯ୍ୟ ସଞ୍ଚାଳନ କରିଥିଲେ।

## ଲକ୍ଷ୍ମୀ ନୃସିଂହଙ୍କ ଜନ୍ମୋତ୍ସବ

**ପାଣିକୋଇଲି,୨୪।୫(ବିକାଶ ମଲ୍ଲିକ)**



ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ଲକ୍ଷ୍ମୀନୃସିଂହ ମନ୍ଦିରରେ ଲକ୍ଷ୍ମୀ ନୃସିଂହଙ୍କ ଜନ୍ମୋତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ମହାସ୍ନାନ, ଆଳତି, ଷୋଡ଼ଷ ଉପଚାର ପୂଜା ଓ ହନୁମାନ ଚାଳିଶା ଜପ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ମହାରାଜ କୃପାରାମ ଦାଶଙ୍କ ତତ୍ତ୍ୱାବଧାନ ଓ ରଘୁନାଥ ପାଢ଼ୀଙ୍କ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ବିଷ୍ଣୁଚରଣ ରାଉତ, ନାରାୟଣ ଚନ୍ଦ୍ର ପଣ୍ଡା, ବଟକୃଷ୍ଣ ସ୍ୱାଇଁ, ଅନିରୁଦ୍ଧ ସ୍ୱାଇଁ, ମନ୍ମଥ ପଣ୍ଡା, ଅନିଲ ରାଉତ, ବ୍ରଜକିଶୋର ସ୍ୱାଇଁ, ଶିବ ପରିଡ଼ା, ଆଶୀର୍ବାଦ ସ୍ୱାଇଁ, ପ୍ରଦୀପ ପଣ୍ଡା, କଳ୍ପନା ପରିଡ଼ା, ରେଚିତା ସ୍ୱାଇଁ, ଭାରତୀ ସ୍ୱାଇଁ ଓ ପନପ୍ରା ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ବାପା ମୃତ, ମା', ପୁଅ ଗୁରୁତର



ଦୁର୍ଘଟଣାଗ୍ରସ୍ତ କାର୍।

**ପାଣିକୋଇଲି,୨୪।୫(ବିକାଶ ମଲ୍ଲିକ)**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟ୍ରମା କେୟାର ଡାଇଭରସନ ନିକଟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାରିପଦା ଅଞ୍ଚଳର ହେମନ୍ତ ଦାସଙ୍କ ମୃତ୍ୟୁ ହୋଇଛି। ତାଙ୍କ ସ୍ତ୍ରୀ ନମ୍ରତା ଦାସ ଓ ପୁଅ ହଂସରାଜ ଦାସ ଗୁରୁତର ହୋଇଛନ୍ତି। ସମସ୍ତେ ଶୁକ୍ରବାର ସକାଳୁ ଭୁବନେଶ୍ୱରରୁ ବାରିପଦା ଅଭିମୁଖେ ଏକ କାର(ଜେଏଚ୍-୧୦ବିଡବ୍ଲ୍ୟୁ ୭୨୯୪)ଯୋଗେ ଫେରୁଥିଲେ। ଏହି ସମୟରେ କାର୍ ଭାରସାମ୍ୟ ହରାଇ ଏକ ବାଡ଼ାରେ ପିଟିହୋଇ ପୁଣି କଟକ ପଟକୁ ମୁହାଁଇଥିଲା। ଫଳରେ ହେମନ୍ତ କାର ପଦାକୁ ଛିଟିକି ପଡ଼ିଥିଲେ। କାରରେ ଥିବା ମା' ଓ ପୁଅ ଗୁରୁତର ହୋଇଥିଲେ। ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ପାଟ୍ରୋଲିଂ ଭ୍ୟାନରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ହେମନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣା ପରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପାଣିକୋଇଲି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିଟିକୁ ରାସ୍ତାରୁ ହଟାଇବା ପରେ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଏସ୍‌ଏଚ୍‌ଜି ସଭାପତି, ସମ୍ପାଦକଙ୍କ ଏକତ୍ରିତ ହେବାକୁ ନେଇ ସନ୍ଦେହ

**ବ୍ରହ୍ମବରଦା,୨୪।୫ (ଯଯାତି କେଶରୀ ବେହେରା)**

ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମବରଦାର ପଞ୍ଚାୟତର ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ସଭାପତି ଓ ସମ୍ପାଦକ ଏକତ୍ରିତ ହେବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେମାନଙ୍କୁ ଟେଲିଫୋନ ଯୋଗେ ଛୋନାଖିଆ ପାଟଣାସ୍ଥିତ ଗୋପୀନାଥ ଜୀଉ ମନ୍ଦିର ପ୍ରାଙ୍ଗଣକୁ ଏକ ମିଟିଂ ନିମନ୍ତେ ଡକାଯାଇଥିଲା। ଫଳରେ ୨୦୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଓ ସମ୍ପାଦକ ମନ୍ଦିର ପ୍ରାଙ୍ଗଣରେ ଉପସ୍ଥିତ ହୋଇଥିଲେ। ଏହାଦେଖି ଗ୍ରାମର କେତେଜଣ ଲୋକ ପ୍ରତିବାଦ କରିବା ସହ ମନ୍ଦିରରେ ଏତେ ସଂଖ୍ୟକ ମହିଳା କାହିଁକି ରୁଣ୍ଡ ହୋଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ସିଆରପିମାନେ ଡାକିଛନ୍ତି ବୋଲି ମହିଳାମାନେ ଉତ୍ତର ଦେଇଥିଲେ। ସେଥିମଧ୍ୟରୁ ସେହି ଗ୍ରାମର ଜଣେ ମହିଳାଙ୍କୁ ପଚାରିବାରୁ ସେ କହିଥିଲେ, ଆମ୍ଭଙ୍କୁ ନବୀନ ନିବାସରୁ ମିଟିଂ ପାଇଁ ଖବର ଅସିଥିଲା। ସେଥିପାଇଁ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଓ ସମ୍ପାଦକାଙ୍କୁ ଡକାଇଥିଲୁ। ସମସ୍ତ ସଭାପତି, ସମ୍ପାଦକଙ୍କ ଏକ ଖାତାରେ ଦସ୍ତଖତ ମଧ୍ୟ ନିଆଯାଇଛି ବୋଲି ସୂଚନା ଦେଇଥିଲେ। ଏହାରି ଭିତରେ ମହିଳାମାନେ ଛତ୍ରଭଙ୍ଗ ଦେଇ ବ୍ରହ୍ମବରଦାସ୍ଥିତ ମେଳଣ ପଡ଼ିଆଠାରେ ପୁଣି ଏକତ୍ରିତ ହୋଇଥିଲେ। ସେଠାରେ ଗ୍ରାମର କେତେଜଣ ଯୁବକ ପହଞ୍ଚି କାହିଁକି ଏଠାରେ ସମସ୍ତେ ଏକତ୍ରିତ ହୋଇଛ ପଚାରିବା ସହିତ ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ। ଫଳରେ ସେଠାରୁ ମଧ୍ୟ ଉକ୍ତ ମହିଳାମାନେ ପଳାଇ ଯାଇଥିଲେ। ତେବେ କିଏ କେଉଁ ଉଦ୍ଦେଶ୍ୟରେ ଏହି ମହିଳାମାନଙ୍କୁ ଡକାଇଥିଲା ତାହା ସନ୍ଦେହ ଘେରରେ ରହିଛି। ନବୀନ ନିବାସର କିଏ ସେ ମହିଳା ଜଣଙ୍କ ପ୍ରଚ୍ଛଦ ପଟରେ ରହି ଏହି ମହିଳାମାନଙ୍କୁ ପରିଚାଳନା କରୁଛନ୍ତି ତାହା ଜନ ସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଏକତ୍ରିତ ହୋଇଥିବା ମହିଳାମାନେ।

## ପାଲଟପୁରରେ ପ୍ରମିଳାଙ୍କ ରୋଡ୍ ଶୋ'



ସମର୍ଥକଙ୍କ ସହ ବିଜେଡି ବିଧାୟିକା ପ୍ରାର୍ଥିନୀ ପ୍ରମିଳା ମଲ୍ଲିକ ରୋଡ୍ ଶୋ' କରୁଛନ୍ତି।

**ଝୁମ୍ପୁରୀ,୨୪।୫(ସରୋଜ ନାୟକ)**

ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ତାତି ସରଗରମ ହେବାରେ ଲାଗିଛି। ବିଜେଡି ବିଧାୟିକା ପ୍ରାର୍ଥିନୀ ପ୍ରମିଳା ମଲ୍ଲିକ ଏହି ନିର୍ବାଚନମଣ୍ଡଳୀରେ ଅନ୍ତର୍ଭୁକ୍ତ ଦଶରଥପୁର ବ୍ଲକ୍‌ର ୧୫ ପଞ୍ଚାୟତ ଉପରେ ଫୋକସ୍ ଜାରି ରଖିଛନ୍ତି। ଶୁକ୍ରବାର ତାଙ୍କର ଏକ ରୋଡ୍ ଶୋ' ପାଲଟପୁର ପଞ୍ଚାୟତରେ ଦେଖିବାକୁ ମିଳିଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ ପଞ୍ଚାୟତର ଷାଠିବାଟୀ ଶିବମନ୍ଦିର ନିକଟରୁ ଶତାଧିକ ବାଇକ୍ ଶୋଭାଯାତ୍ରାରେ ପ୍ରମିଳା ବାହାରି ଏକ ଖୋଲା ଜିପ୍‌ରେ ରୋଡ୍ ଶୋ' କରିଥିଲେ। ପଞ୍ଚାୟତର ମୁରାରୀପୁର, ନୀଳକଣ୍ଠପୁର, ବିଦ୍ୟାନନ୍ଦପୁର, ବେହେରା ସାହି, କମାର ସାହି ଓ ଧୋବାକୋଇଲି ଆଦି ଗ୍ରାମରେ ଏହି ରୋଡ୍ ଶୋ' କରାଯାଇଥିଲା। ଏହି ସମୟରେ ବିଭିନ୍ନ ସ୍ଥାନରେ ଶତାଧିକ ମହିଳା ଉପସ୍ଥିତ ରହି ପ୍ରମିଳାଙ୍କୁ ପୁଷ୍ପଗୁଚ୍ଛ ଦେବା ସହ ହୁଳହୁଳି ପକାଇ ସ୍ୱାଗତ କରିଥିବା ଦେଖାଯାଇଥିଲା। ରୋଡ୍ ଶୋ'ମାଧ୍ୟମରେ ପ୍ରମିଳା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଉଥରେ ଶାସନ ଗାଦିରେ ବସାଇବା ପାଇଁ ଲୋକମାନଙ୍କୁ ନିବେଦନ କରିଥିଲେ। ପଞ୍ଚାୟତ ସମିତି ସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ପୂର୍ବତନ ସରପଞ୍ଚ ଝୁନାରାଣୀ ରାୟ, ଜିଲା ପରିଷଦ ସଭ୍ୟା ନୀନାରାଣୀ ସାମଲ, ପ୍ରଫୁଲ୍ଲ କର, କୈଳାସ ମଲ୍ଲିକ, ରାଜେଶ ବିଶ୍ୱାଳ, ପ୍ରଶାନ୍ତ ମିଶ୍ର, ପ୍ରତାପ ସାହୁ, ପ୍ରଫୁଲ୍ଲ ବେହେରା, ଜିତେନ୍ଦ୍ର ନାଥ ଓ ପ୍ରଫୁଲ୍ଲ ଜେନା ପ୍ରମୁଖଙ୍କ ନେତୃତ୍ୱରେ ରୋଡ୍ ଶୋ' କରାଯାଇଥିଲା।

## ସ୍ୱାଧୀନ ବିଧାୟକ ପ୍ରାର୍ଥୀଙ୍କ କାର୍ଯ୍ୟାଳୟ ଜାଳିଦେଲେ

**ବାଲିକୁଦା, ୨୪।୫(ତାପସ ସ୍ୱାଇଁ)**

### ବାଲିକୁଦାରେ ପ୍ରାକ୍ ନିର୍ବାଚନୀ ହିଂସା

ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ବାଲିକୁଦା ବ୍ଲକବରମୁଣ୍ଡଳୀ ପଞ୍ଚାୟତ ଦଶବାଟିଆ ବଜାରରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସଞ୍ଜୀବ ବିଶ୍ୱାଳଙ୍କ ନିର୍ବାଚନୀ କାର୍ଯ୍ୟାଳୟକୁ ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇଛନ୍ତି। ଏନେଇ ସ୍ଥାନୀୟ ଅନନ୍ତପୁର ଫାଣ୍ଡିରେ ସଞ୍ଜୀବଙ୍କ ସମର୍ଥକ ପ୍ରତାପ ସ୍ୱାଇଁ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ୧୦ଟାରେ ସଞ୍ଜୀବଙ୍କ ସମର୍ଥକମାନେ ଅଫିସ କାର୍ଯ୍ୟାଳୟ ବନ୍ଦ କରି ଘରକୁ ଫେରିଥିଲେ। ଏହାର ସୁଯୋଗ ନେଇ ପଛପଟୁ କିଛି ଯୁବକ ନିଆଁ ଲଗାଇ ଦେଇଥିଲେ। ବଜାରରେ ଥିବା ସଞ୍ଜୀବଙ୍କ ସମର୍ଥକମାନେ ଏହି କାଣ୍ଡ ଘଟାଇଥିବା ବ୍ୟକ୍ତିଙ୍କୁ ଚିହ୍ନିବା ପାଇଁ ପ୍ରୟାସ କରିଥିଲେ ମଧ୍ୟ ଦୁର୍ବୃତ୍ତ ଅନ୍ଧାରର ସୁଯୋଗ ନେଇ ଖସି ଯାଇଥିଲେ। ପରେ ସଞ୍ଜୀବଙ୍କ ସମର୍ଥକ ନିଆଁକୁ ଆୟତ୍ତ କରିଥିବାବେଳେ ଏଥିରେ ଟେଣ୍ଟ କପଡାର କିଛି ଅଂଶ ଓ ସଞ୍ଜୀବଙ୍କ ବଡ଼ ବ୍ୟାନର ପୋଡିଯାଇଥିଲା। ଅଭିଯୋଗ ପାଇବା ପରେ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପଣ୍ଡା ଏନେଇ ମାମଲା ନଂ.୨୨୪/୨୪ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ସଞ୍ଜୀବ ଶାସକ ବିଜେଡି ଦଳରୁ ଟିକେଟ ନ ପାଇ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଛନ୍ତି।

## ସିଂହପୁରରେ ବିଶ୍ୱ ଶାନ୍ତି ମହାଯଜ୍ଞ



**ସିଂହପୁର,୨୪।୫(ଅନଙ୍ଗ ଉଦୟ ବେଉରିଆ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର କାକୁଡ଼ିପଡ଼ିଆ ମଠଠାରେ ବିଶ୍ୱଶାନ୍ତି ମହାଯଜ୍ଞ ୧୬ ତାରିଖଠାରୁ ଆରମ୍ଭ ହୋଇ ୨୩ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଙ୍କୁରାରୋପଣ, ଅଗ୍ନିସ୍ଥାପନ, ଯଜ୍ଞାହୁତି ସହ ଭଜନ ସମାରୋହ ଓ ପିଲାମାନଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ବାବାଜୀ କେଶବ ଚରଣ ଦାସ ଯଜ୍ଞ କାର୍ଯ୍ୟ ସଞ୍ଚାଳନ କରିଥିଲେ।

## ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ

**ଚଣ୍ଡିଖୋଲ,୨୪।୫(ପ୍ରଦୀପ୍ତ କୁମାର ପୃଷ୍ଟି)**



ବିଜେଡିରେ ମିଶିଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

ବଡ଼ଚଣା ନିର୍ବାଚନମଣ୍ଡଳୀ ଅଧୀନ ପତରାଜପୁର ପଞ୍ଚାୟତରେ ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଓ କଂଗ୍ରେସର ବହୁ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ଓ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି। ସେମାନେ ହେଲେ ଭାଜପାର ଅଶୋକ କୁମାର ସିଂହ, ଜଗନ ସିଂହ, କଂଗ୍ରେସର ୱାର୍ଡ ସଭ୍ୟା ସବିତା ନାୟକ, ସେବତୀ ଘଡ଼େଇ, ଲକ୍ଷ୍ମୀ ନାୟକ, ମାତାଜୀ ବେହେରା, ଗୀତାଞ୍ଜଳି ନାୟକ, ରଶ୍ମିତା ଘଡ଼େଇ, ଉମେଶ ଚନ୍ଦ୍ର ନାୟକ, ସରୋଜ ନାୟକ, ଅଜୟ ଘଡେଇ, ରାଜକିଶୋର ଜେନା, ହେମନ୍ତ ରେଙ୍ଗାଲ, ନରେଶ ମଲ୍ଲିକ, ଅଜୟ ଘଡ଼େଇ, କାର୍ତ୍ତିକ ନାୟକ, ଚକ୍ରଧର ନାୟକ ପ୍ରମୁଖ। ସେମାନଙ୍କୁ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ସମିତିସଭ୍ୟ କୁଳମଣି ବାରିକ, ପ୍ରାକ୍ତନ ସମିତିସଭ୍ୟ ସୁରେଶ ନାୟକ, ପ୍ରତାପ ସେନାପତି, ସୁଲତାନ ସଇଫୁଲା ଖାଁ, ସତ୍ୟବ୍ରତ ସାମଲ, ଚନ୍ଦନ ସିଂ, ଅଶ୍ୱିନ ବଳ ଓ ସୁଜିତ ରାଉତଙ୍କ ସମେତ ପତରାଜପୁର ପଞ୍ଚାୟତର ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ। ରାକେଶ କୁମାର ବାରିକ ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ

**ଧର୍ମଶାଳା,୨୪।୫(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ବିଜେଡିର ଏକ ମିଶ୍ରଣ ପର୍ବ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଧର୍ମଶାଳା ନିର୍ବାଚନମଣ୍ଡଳୀର ୩ ପଞ୍ଚାୟତ ତାଳଜଙ୍ଗ, ରେଖିଦେଇପୁର ଓ କବାଟବନ୍ଧ ପଞ୍ଚାୟତର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ସେମାନେ ହେଲେ ଧ୍ରୁବ ସାହୁ, ଦେବାଶିଷ ବାଇ, ମନୋରଞ୍ଜନ ଓଝା, ରାଜେଶ କୁମାର ବେହେରା, ଗୋବରା ଓଝା, ସାଗର ପାତ୍ର, କାଳନ୍ଦୀ ବେହେରା, ସନ୍ତୋଷ ସାହୁ, ଚନ୍ଦନ କାୟସ୍ଥ, ବିଚିତ୍ର ମଲ୍ଲିକ, ବାହ୍ଲବ ମଲ୍ଲିକ, ଲକ୍ଷ୍ମୀଧର ମଲ୍ଲିକ, ଛାୟାକାନ୍ତ ମଲ୍ଲିକ, ମକର ମଲ୍ଲିକ, ମାର୍କଣ୍ଡ ପ୍ରସାଦ ରାଉତ, ସୁକାନ୍ତ ମଲ୍ଲିକ, ପ୍ରମିଳା କୁମାର ମଲ୍ଲ, କୀର୍ତ୍ତନ ମଲ୍ଲିକ ପ୍ରମୁଖ। ସମସ୍ତଙ୍କୁ ପ୍ରଣବ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଛନ୍ତି। ଏହି ମିଶ୍ରଣ ପର୍ବକୁ ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଉତ୍କଳମଣି ଦାସ ଓ ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ।





ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବରେ ଯୋଗଦେଇଥିବା ଭାଜପା ଓ କଂଗ୍ରେସ କର୍ମୀ।

# ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଆଳି,୨୪।୫(ବନମାଳୀ ସେନାପତି)

ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସହିତ ପଦଯାତ୍ରା ଓ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଆଳି ବ୍ଲକ ଗୁଙ୍ଗା ପଞ୍ଚାୟତରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ଓ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଆଳି ବିଧାୟକ ତଥା ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ପଞ୍ଚାୟତରେ ଘରେ ଘରେ ଶଙ୍ଖ ପୋଷ୍ଟର ଲଗାଇବା ସହିତ ପଞ୍ଚାୟତରେ ନିଜ ସମର୍ଥକମାନଙ୍କୁ ନେଇ ପଞ୍ଚାୟତର ପଦଯାତ୍ରା କରି ରାଜ୍ୟ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ଓ ଆଳିର ବିକାଶକୁ ପାଥେୟ କରି ଭୋଟ ନିବେଦନ କରିଥିଲେ । ଏହି ପଦଯାତ୍ରାରେ ପ୍ରାର୍ଥୀ ଦେବଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ଭୀଷ୍ମ ମହାନ୍ତି,ସରପଞ୍ଚ ମଧୁସ୍ମିତା ପୁହାଣ, ପଞ୍ଚାୟତ ସମିତି ଉପାଧକ୍ଷା ମିନତୀ ବାରିକ, ସୁମନ୍ତ ରାଉତ,ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର,ଶେଖର ବାରିକଙ୍କ ସମେତ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରୀତି ରଞ୍ଜନ ପୁହାଣ ପରିଚାଳନା କରିଥିଲେ ।

# ସହରବାସୀଙ୍କୁ ଡେଙ୍ଗୁ, ମ୍ୟାଲେରିଆ ଭୟ

କେନ୍ଦ୍ରାପଡ଼ା,୨୪।୫(ଜଗନ୍ନାଥ ଧଳ)

■ ୱାର୍ଡ କଲ୍ୟାଣ କମିଟି କାର୍ଯ୍ୟକାରୀ ନେଇ ସନ୍ଦେହ

■ ଜଳ ନିଷ୍କାସନ ବ୍ୟବସ୍ଥା ପାଲଟିଛି ପ୍ରମୁଖ ସମସ୍ୟା



କେନ୍ଦ୍ରାପଡ଼ା ସହରରୁ ବାହାରୁଥିବା ବର୍ଜ୍ୟବସ୍ତୁ ଗୋବରୀ ନଦୀ ଓ କେନାଲରେ ପଡୁଛି। କେନାଲ ନବୀକରଣ ଅଦ୍ୟାବଧି ସରିନାହିଁ। ସହର ନିକଟ ନିର୍ମାଣ କାର୍ଯ୍ୟ ପାଇଁ ଜଳପଥକୁ ମାଟି ଦ୍ୱାରା ବନ୍ଦ ହୋଇଛି। ଅପରପକ୍ଷେ ବର୍ଷାଋତୁର ପ୍ରଭାବ ଆସନ୍ତା ସପ୍ତାହରୁ ଆରମ୍ଭ ହେବ ବୋଲି ପାଣିପାଗ ବିଭାଗ ସୂତ୍ରରୁ ଜଣାପଡିଛି। ଗୋବରୀ ନଦୀ ଓ କେନାଲ ଏବେ ଡମ୍ପିଂୟାର୍ଡ ପାଲଟି ଥିବା ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)ରେ ଏକ ମାମଲା ମଧ୍ୟ ହୋଇଛି। ଏନ୍‌ଜିଟି ଏନେଇ ଶୁଣାଣୀ ପରେ ପୌର ପରିଷଦକୁ ବ୍ୟର୍ଜବସ୍ତୁ ପରିଚାଳନା ପାଇଁ ତାଗିଦା ସହ ଜୋରିମାନା କରିଛନ୍ତି। ସହରର ଏପରି ସ୍ଥିତିରେ ବର୍ଷାଋତୁରେ ଡେଙ୍ଗୁ ମ୍ୟାଲେରିଆ ଭୟ ବଢୁଥିବା ସହରବାସୀ ମତ ଦେଇଛନ୍ତି।

ଏସମ୍ପର୍କରେ ସହରର ଖଡିଅଙ୍ଗ ଗ୍ରାମର ମନୋଜ କୁମାର ସିଂହ କହିଛନ୍ତି, ୨୦୧୪ ଫେବୃଆରୀ ୨୩ରୁ ରାଜ୍ୟରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଆରମ୍ଭ ହେଲାଣି। ତେବେ କେନ୍ଦ୍ରାପଡ଼ା ସହରରେ ଏହି ମିଶନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏଠାରେ ୨୪ ମହିଳା ଆରୋଗ୍ୟ ସମିତି ଗଠନ ହେବାକୁ ଥିବା ବେଳେ ମାତ୍ର ୧୮ ପଞ୍ଜିକୃତ ହୋଇଛି। ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକସଂଖ୍ୟାରେ ଗଠିତ ୨୧ ୱାର୍ଡରେ ଏଯାଏ ୱାର୍ଡ କଲ୍ୟାଣ ସମିତି ଗଠନ ହୋଇନାହିଁ। ସହରରେ ୮ ଆଶା ପଦବୀ ଖାଲି ପଡିଛି। ଏପରିକି ସହର ମଧ୍ୟରେ ଅପପୃଷ୍ଟିଜନିତ ଲୋକସଂଖ୍ୟା କେତେ ସେନେଇ ସର୍ଭେ ଅଦ୍ୟାବଧି ସରିନାହିଁ। ସେହିପରି ରାଜ୍ୟର ସର୍ବପୁରାତନ ଏହି ମ୍ୟୁନିସିପାଲିଟିରେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଥିବାରୁ ସହରବାସୀ ଡେଙ୍ଗୁ ଓ ମ୍ୟାଲେରିଆ ଭୟରେ କାଳାତିପାତ କରୁଛନ୍ତି। ଆଇନଜୀବୀ ସରୋଜରାଜ ସିଂହ କହିଛନ୍ତି, ୨୦୧୪ ଜାନୁଆରୀ ୨୦ରେ କେନ୍ଦ୍ର ସରକାର ଏହି ମିଶନ ଆରମ୍ଭ କରିଛନ୍ତି। ମିଶନର ଲକ୍ଷ୍ୟ ଅନୁଯାୟୀ ୫୦ ହଜାରରୁ ଊର୍ଦ୍ଧ୍ୱ ସହରବାସୀଙ୍କ ପାଇଁ ଏକ ଅପଗ୍ରେଡେଡ ପିଏଚ୍‌ସି ହେବ। ଜଣେ ମେଡିକାଲ ଅଫିସର ସହ ୨ ଡାକ୍ତର ରହିବେ। ସହର ମଧ୍ୟରେ ଥିବା ବସ୍ତି ଅଞ୍ଚଳର ୫୦ରୁ ୧୦୦ ଘରକୁ ନେଇ ଏକ ମହିଳା ଆରୋଗ୍ୟ ସମିତି ଗଠନ କରାଯିବ। ସେହିପରି ପ୍ରତ୍ୟେକ ୱାର୍ଡରେ ଏକ କଲ୍ୟାଣ ସମିତି ଗଠନ କରାଯାଇ ସୁସ୍ଥ ବସ୍ତି, ସୁସ୍ଥ ୱାର୍ଡ, ସୁସ୍ଥ ସହର ଓ ସୁସ୍ଥ ରାଜ୍ୟ ଯୋଜନାକୁ ରୂପରେଖ ଦେବ। ଏହି ସମିତିର ସଭ୍ୟାସଭ୍ୟ ସହରର ପରିମଳ, ସ୍ୱାସ୍ଥ୍ୟ ସେବା ଓ ଅପପୃଷ୍ଟି ସମସ୍ୟାକୁ ଉପସ୍ଥାପନା ସହ ସମାଧାନ ପାଇଁ ପ୍ରଯତ୍ନ କରିବେ। ଫଳରେ ଝାଡ଼ାବାନ୍ତି, ମ୍ୟାଲେରିଆ, ଜଣ୍ଡିସ, ଡେଙ୍ଗୁ ଆଦି ରୋଗ ବସ୍ତି ବାସିନ୍ଦାଙ୍କ ନିକଟରେ ପହଞ୍ଚିବ ନାହିଁ। ଏଥିପାଇଁ ଆରୋଗ୍ୟ ସମିତିକୁ ୫ ହଜାର ଓ ୱାର୍ଡ କଲ୍ୟାଣ ସମିତିକୁ ୧୦ ହଜାର ଟଙ୍କା ଦେବା ପାଇଁ ବ୍ୟବସ୍ଥା ହୋଇଛି। ଏହି ମିଶନ ଅନୁଯାୟୀ ସହରାଞ୍ଚଳ ପାଇଁ ୪ ଏଏନ୍‌ଏମ୍ ପୋଷ୍ଟ ଅଦ୍ୟାବଧି ଖାଲି ପଡିଛି। ସହରର ପରିମଳ ବ୍ୟବସ୍ଥା ଠିକ ନାହିଁ। ସାମାନ୍ୟ ବର୍ଷାରେ ବିଭିନ୍ନ ୱାର୍ଡର ନାଳ ଉଛୁଳିବା ସହିତ ପାଣି ଜମିରହୁଛି। ସୁରେନ୍ଦ୍ର କୁମାର ସେନାପତି କହିଛନ୍ତି, ରାସ୍ତା ନିକଟରେ ଥିବା ନଳକୂପ ଓ ପାଣି ଟ୍ୟାପ ନିକଟରେ ପାଣି ଜମି ରହି ମଶା ମାଛିଙ୍କ ଜନ୍ମସ୍ଥଳ ସାଜିଛି। ପ୍ରତିବର୍ଷ ବର୍ଷାଋତୁରେ ପରିମଳ ବ୍ୟବସ୍ଥା ବିଗୁଡୁଥିବାରୁ ଝାଡ଼ାବାନ୍ତି, ଡେଙ୍ଗୁ ମ୍ୟାଲେରିଆ ପରି ରୋଗ ବ୍ୟାପିବା ସହିତ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ଅପପୃଷ୍ଟି ଘଟଣା ନଜରକୁ ଆସୁଛି। ସହରରେ ଜବରଦଖଲ ଏକ ମୁଖ୍ୟ ସମସ୍ୟା ହୋଇଛି। ଜଳପଥ ହେଉ ଅଥବା ସରକାରୀ ରାସ୍ତା ଏବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, କାଗଜପତ୍ରରେ ସବୁକିଛି ଠିକ୍ ଥିବା ଦର୍ଶାଯାଉଛି। ତେବେ ରାଜ୍ୟର ସର୍ବପୁରାତନ ଏହି ସହର ପ୍ରତି ରାଜନେତା, ପ୍ରଶାସକଙ୍କ ଧ୍ୟାନ ରହୁନାହିଁ। ଏପରି କି ନୂତନ ଅପଗ୍ରେଡେଡ ପିଏଚ୍‌ସି ପାଇଁ ପୌରପାଳିକା ପକ୍ଷରୁ ଚିଠିଟିଏ ହୋଇ ନାହିଁ। ଏସମ୍ପର୍କରେ ପୌରାଧ୍ୟକ୍ଷା ସରିତା ସାହୁ କହିଛନ୍ତି, ସହରର ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ବ୍ୟବସ୍ଥା ହୋଇଛି। ଏଥିସହ ପାଣି ଜମି ରହୁଥିବା ସ୍ଥାନ ଚିହ୍ନଟ କରାଯାଇ ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉଛି।

# ସଡ଼କ ଦୁର୍ଘଟଣାରେ ନାବାଳକ ମୃତ

ଡେରାବିଶ,୨୪।୫
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତର ଦୁମୁକାହାଟଠାରେ ଶୁକ୍ରବାର ଏକ ଡାଲା ଅଟୋ ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଟକ ଜିଲା ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଓଳକଣା ଗ୍ରାମର ରଞ୍ଜନ ମଲିକଙ୍କ ପୁଅ ପ୍ରକାଶ ଓ ରଫ ରିଙ୍କୁ। ଏକ ଡାଲା ଅଟୋ(ନଂ.ଓଡି୦୪ଏମ୪୫୮୧)ରେ ପ୍ରକାଶ ଡେରାବିଶ ଥାନା ଅଧୀନ ନିଜ ସମ୍ପର୍କୀୟଙ୍କ ଘରୁ ଜାଳେଣୀ କାଠ ଆଣିବାକୁ ଯାଇ ନିଜ ଘରକୁ ଫେରୁଥିଲେ। କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତାର ଦୁମୁକାହାଟ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏହି ଦୁର୍ଘଟଣାରେ ପ୍ରକାଶ ରାସ୍ତାରେ ଛିଟିକି ପଡି ଗୁରୁତର ହୋଇଥିଲେ। ଡେରାବିଶ ଅଗ୍ନିଶମ କର୍ମଚାରୀ ପ୍ରକାଶଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ପ୍ରକାଶଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଡାଲା ଅଟୋକୁ ଜବତ କରିଛି।

# ରୋଡ୍ ଶୋ'ରେ ଶକ୍ତି ପ୍ରଦର୍ଶନ କଲେ ପ୍ରତାପ, ଅଂଶୁମାନ




ଆଳି,୨୪।୫(ବନମାଳୀ ସେନାପତି)

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଥିବା ବେଳେ ଆଳି ନିର୍ବାଚନ ମଣ୍ଡଳୀରେ ରାଜନୈତିକ ମାହୋଲ ସରଗରମ ହେବାରେ ଲାଗିଛି । ପ୍ରାର୍ଥୀମାନେ ନିଜ ସମର୍ଥକମାନଙ୍କୁ ନେଇ ନିର୍ବାଚନମଣ୍ଡଳୀରେ ଘନ ଘନ ପ୍ରଚାର ଚଳାଇଛନ୍ତି । ଏହି ଅବସରରେ ଶୁକ୍ରବାର ଆଳି ନିର୍ବାଚନ ମଣ୍ଡଳୀର ୧ ନମ୍ବର ଜୋନରେ ବିଜେଡିର ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଓ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା କରି ଶକ୍ତି ପ୍ରଦର୍ଶନ କରିଛନ୍ତି । ମାନପୁର ସେତୁ ନିକଟରୁ ଏକ ଖୋଲା ଜିପ୍‌ରେ ଉଭୟ ପ୍ରାର୍ଥୀ ଅନେକ କର୍ମୀଙ୍କ ସହିତ ଡ଼ିମିରିପାଳ,କୁଆଣିଆ, ଗୋବିନ୍ଦପୁର, କେଉଁଆପାଳ, ଦେସାହି, ପାଳିମି,ଏ ର ପେତପଡା, ସଂସିଧା ଆଦି ପଞ୍ଚାୟତ ପରିକ୍ରମା କରି ନିଜ ସପକ୍ଷରେ ଭୋଟ ମାଗିଛନ୍ତି। ଏଥିସହିତ ମତଦାତା ମାନେ ଡବଲ ଶଙ୍ଖରେ ଭୋଟ ଦେଇ ନବୀନ ସରକାରଙ୍କ ହାତ ମୁଠାକୁ ଆହୁରି ସୁଦୃଢ କରିବା ନିମନ୍ତେ ନିବେଦନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ,ଜିଲା ପରିଷଦ ଭୀଷ୍ମ ମହାନ୍ତି, କନକଲତା ବେହେରା,ବ୍ଲକ ବିଜେଡି ସଭାପତି ସନାତନ ମିଶ୍ରଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ,ପୂର୍ବତନ ସରପଞ୍ଚଙ୍କ ସହିତ ବହୁ କର୍ମୀ ଓ ନେତା ସାମିଲ ଥିଲେ ।

# ଗୁରୁ ଆନନ୍ଦମୂର୍ତ୍ତିଙ୍କ ଜନ୍ମୋତ୍ସବ ପାଳିତ

କେନ୍ଦ୍ରାପଡ଼ା,୨୪।୫(ଜଗନ୍ନାଥ ଧଳ)

ଆତ୍ମସଂଯମ ଓ ସେବା ସାଧାରଣ ଜୀବନରେ ଅପରିହାର୍ଯ୍ୟ। ଏହାଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଆଧ୍ୟାତ୍ମିକ ଗୁରୁ ଆନନ୍ଦମୂର୍ତ୍ତିଙ୍କ ୧୦୩ତମ ଜନ୍ମୋତ୍ସବରେ ଆୟୋଜିତ ଆଲୋଚନା ଚକ୍ରରେ ଆଲୋଚକମାନେ ମତ ରଖିଛନ୍ତି। ସହରର କପାଳେଶ୍ୱରସ୍ଥ ଆନନ୍ଦମାର୍ଗ ଆଶ୍ରମ ଜାଗୃତିରେ ଏହି ଜନ୍ମୋତ୍ସବ ଗୁରୁବାର ପାଳନ ହୋଇଛି। ପ୍ରାତଃରୁ ସନ୍ଧ୍ୟା ପର୍ଯ୍ୟନ୍ତ ଭଜନ, କୀର୍ତ୍ତନ, ମିଳିତ ସାଧନା, ଆନନ୍ଦବାଣୀ ପାଠ ସହ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଜିଲା ସମ୍ପାଦକ ଅଶୋକ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସରପଞ୍ଚ କଳ୍ପନା ମହାନ୍ତି, ନୃସିଂହ ଚରଣ ତ୍ରିପାଠୀ, ରମେଶ ଚନ୍ଦ୍ର ବେଜ, ପରମାନନ୍ଦ ମହାନ୍ତି ଆଲୋଚକ ଭାବେ ଯୋଗ ଦେଇଥିଲେ।



ଗୁରୁ ଆନନ୍ଦମୂର୍ତ୍ତିଙ୍କ ଜନ୍ମୋତ୍ସବରେ ସାମିଲ ଛାତ୍ରୀଛାତ୍ର।

ସେମାନେ କହିଥିଲେ, ଆନନ୍ଦମାର୍ଗର ପ୍ରତିଷ୍ଠାତା ପ୍ରଭାତ ରଞ୍ଜନ ସରକାର ୧୯୨୧ରେ ଜନ୍ମଗ୍ରହଣ କରିଥିଲେ। ସ୍ନେହ, ପ୍ରେମ ଓ ମାନବିକତା ପଥରେ ଚାଲିବା ପରେ ଆଧ୍ୟାତ୍ମିକ ଦିଗକୁ ଗତି କରିଥିଲେ। ପୁରାତନ ବିଜ୍ଞାନକୁ ଆଧାର କରି ଲୋକଙ୍କୁ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଶିକ୍ଷା ଦେବା ପରେ ଆନନ୍ଦମୂର୍ତ୍ତି ଭାବେ ଖ୍ୟାତ ହୋଇଛନ୍ତି। ତାଙ୍କର ଅମୃତ ଯୋଜନାରେ ଶିକ୍ଷା, ସ୍ୱାସ୍ଥ୍ୟ, ମାଗଣା ଖାଦ୍ୟ ପ୍ରଦାନ ସହିତ ଅନ୍ୟ ସାମାଜିକ କାର୍ଯ୍ୟ ପରିଚାଳିତ ହୋଇଆସୁଛି। ମାନବିକତାକୁ ଗୁରୁ ଅମୃତାନନ୍ଦଜୀ ପ୍ରାଥମିକତା ଦେଇଥିବା ଆଲୋଚକମାନେ ମତ ରଖିଥିଲେ। ଏହି ଅବସରରେ ଆଶ୍ରମ ପରିସରରେ ଯୋଗ, ଧ୍ୟାନ, ତାଣ୍ଡବ କୌଶିକୀ, ବିଭିନ୍ନ କ୍ରୀଡା ଆଦି ଆୟୋଜିତ ହୋଇଥିଲା। କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ମୁଖ୍ୟ ଆଚାର୍ଯ୍ୟ ବିକାଶାନନ୍ଦ ଅବଧୂତ ଏହାକୁ ପରିଚାଳନା କରିଥିଲେ। ଏଥିରେ ଅନନ୍ତ ଓଝା, ପର୍ଶୁରାମ ଦେବ, କାଳିନ୍ଦୀ ଦେବ, ଅନିତା ଦାସ, ତାରାକାନ୍ତ ଆଚାର୍ଯ୍ୟଙ୍କ ସହ ଆନନ୍ଦମାର୍ଗ ସ୍କୁଲର ଶିକ୍ଷକମାନେ ସହଯୋଗ କରିଥିଲେ।

# ଧ୍ରୁବ, ଅଂଶୁମାନଙ୍କ ପାଇଁ ପ୍ରଚାର କଲେ ଏଲିନା



ଦଳୀୟ କର୍ମୀଙ୍କ ସହ ଘର ଘର ବୁଲି ପ୍ରଚାର କରୁଛନ୍ତି ଅଭିନେତ୍ରୀ ଏଲିନା ଦାଶ।

ରାଜନଗର,୨୪।୫(ଭାସ୍କର ରାଉତରାୟ)

ଶୁକ୍ରବାର ରାଜନଗର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ପାଇଁ ଅଭିନେତ୍ରୀ ଏଲିନା ଦାଶ ପ୍ରଚାରର ମଙ୍ଗ ଧରିଛନ୍ତି। ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତର ରିଘାଗଡ, ଈଶ୍ୱରପୁର, ଦିଘି, ଜମ୍ବୁସାଗର, ମଧୁପୁର, ତଅଁଳାକୋଲ୍ଲା, ଶିଳପୋଖରୀ, ନୂଆଖୁଣ୍ଟା, ବଳଭଦ୍ରପୁର, କୁନୁସନଗର ପ୍ରଭୃତି ଗ୍ରାମଗୁଡିକ ବୁଲିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ଏବଂ ତାଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଘରକୁ ଘର ବୁଲି ଦୁଇଥର ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀରଞ୍ଜିତା ସ୍ୱାଇଁ, ସରପଞ୍ଚ ସୁରେଖା ପ୍ରଧାନ, ଶଶିକଳା ବେହେରା, ଘଡିଆମାଳ ସମିତିସଭ୍ୟା ରୁଚିସ୍ମିତା ନାୟକ, ଶୁଭ୍ରକାନ୍ତ ଭ୍ରମରରାୟ, ମୋହନ ଚନ୍ଦ୍ର ବିଶ୍ୱାଳ, ବସନ୍ତ ବେହେରା, ହୃଷିକେଶ ପ୍ରଧାନ, ମଧୁସୂଦନ ଜେନା, ରୁଦ୍ର ନାରାୟଣ ପ୍ରଧାନ, ଗଦାଧର ମହାନ୍ତି, ସନାତନ ଲେଙ୍କା, ଭରତ ଚନ୍ଦ୍ର ଦାସ, ରମାକାନ୍ତ ଭ୍ରମରରାୟ, କଳ୍ପତରୁ ବେହେରା, ଦିପ୍ତିମୟୀ ଦାସ, ଶ୍ରୀଚରଣ ମହାନ୍ତି, ହୃଷୀକେଶ ବେହେରା, ଅଭିମନ୍ୟୁ ମୁଦୁଲି, ମୋହନ ସେଠୀ, ନୀଳମାଧବ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ପଟ୍ଟାମୁଣ୍ଡାଇ ବିଜେଡି ମିଶ୍ରଣ ପର୍ବ

ପଟ୍ଟାମୁଣ୍ଡାଇ,୨୪।୫(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବିଜେଡି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ପଞ୍ଚାନନ ଧଳ ପ୍ରମୁଖ ବହୁ ବିଜେଡି କର୍ମକର୍ତ୍ତା ଯୋଗ ଦେଇ ଡାମରପୁର ପଞ୍ଚାୟତର ବିଜୟ ରାୟ ବିଷ୍ଣୁ ପଣ୍ଡା, ସୁଧାଂଶୁ ଆଚାର୍ଯ୍ୟ, ଶୈଳେନ୍ଦ୍ର କର, ସୁରେଶ ନାୟକ, ସୁରେଶ ତରାଇ, ଚୈତନ୍ୟ ରାୟ, ବ୍ରହ୍ମାନନ୍ଦ ଆଚାର୍ଯ୍ୟ, ରତ୍ନାକର ବେହେରା, ଗୌତମ ବେହେରା ବଳରାମ ମାଝୀ, ଅଶୋକ ସାହୁ ଓ ଖଡ଼ିଅଣ୍ଟା ପଞ୍ଚାୟତର ଗୁଣନିଧି ମଲିକ ପ୍ରମୁଖ ଭାଜପା ଓ କଂଗ୍ରେସ ତ୍ୟାଗ କରି ବିଜେଡିରେ ଯୋଗ ଦେଇଥିଲେ।

# ଡେରାବିଶରେ ଅରବିନ୍ଦଙ୍କ ରୋଡ୍ ଶୋ

ଡେରାବିଶ,୨୪।୫(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ପାଟକୁରା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଶୁକ୍ରବାର ଡେରାବିଶରେ ରୋଡ଼ ଶୋ କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ସେ ଡେରାବିଶ ବ୍ଲକର ଲକ୍ଷ୍ମୀନାରାୟଣପୁର, ଗୋଲରାହା, ନରସିଂହପୁର ଓ ଏଣ୍ଡର ପଞ୍ଚାୟତର ବିଭିନ୍ନ ଗାଁ ବୁଲି ଭେଟରଙ୍କୁ ଭେଟି ଭୋଟ ଭିକ୍ଷା କରିଛନ୍ତି।

ଅରବିନ୍ଦ ପ୍ରଥମେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁର ପଲେଇ ସାହି ଗ୍ରାମସ୍ଥିତ ମା'ବୁଢୀ ଜାଗୁଲାଇ ଠାକୁରାଣୀଙ୍କୁ ଦର୍ଶନ କରି ନିର୍ବାଚନୀ ପ୍ରଚାର ଆରମ୍ଭ କରିଥିଲେ। ଉକ୍ତ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ମହେନ୍ଦ୍ର କୁମାର ସିଂହ, ପ୍ରାକ୍ତନ ସମିତିସଭ୍ୟ ଗଗନ ବିହାରୀ ସାହୁ ଓ ବରିଷ୍ଠ ଦଳୀୟ ନେତା ବୈଷ୍ଣବ ଚରଣ ସାହୁଙ୍କ ନେତୃତ୍ୱରେ କର୍ମୀମାନେ ଏକ ବିରାଟ ରୋଡ ଶୋ କରିଥିଲେ। ଅରବିନ୍ଦ ପଞ୍ଚାୟତ ଅଧୀନ ବଳଭଦ୍ରପୁର, ନୁଆହାଟ, କେଉଟକଣ୍ଠିଆ, ଛଞ୍ଚାଣା, ସାତବାଟିଆ, ଲକ୍ଷ୍ମୀନାରାୟଣପୁର, ବରାହିଲୋ ଓ ତରଜଙ୍ଗା ଗ୍ରାମରେ ପହଞ୍ଚିଥିଲେ। ପରେ ପଦଯାତ୍ରାରେ ବିଭିନ୍ନ ଗ୍ରାମକୁ ଯାଇ ଭୋଟରମାନଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ବୁଝାଇଥିଲେ। ତାଙ୍କୁ ଓ ସାଂସଦ ପ୍ରାର୍ଥୀଙ୍କୁ ଯୋଡ଼ି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସେ ଗ୍ରାମବାସୀମାନଙ୍କୁ ନିବେଦନ କରିଥିଲେ।




ଦଳୀୟ କର୍ମୀ ଓ ସମର୍ଥକଙ୍କ ସହ ବିଜେଡି ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର।

ଏହି କାର୍ଯ୍ୟକ୍ରମରେ ଡେରାବିଶ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ଅରକ୍ଷିତ କାଣ୍ଡି, ସରୋଜକାନ୍ତ ପଣ୍ଡା, ନଟବର ବେହେରା, ସେକ ସାହାଉଦ୍ଦିନ, ନିରଞ୍ଜନ ଦାସ, ପ୍ରଶାନ୍ତ ପଣ୍ଡା ଓ ସେକ ରହିମଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିଲେ। ପରେ ଅରବିନ୍ଦ ଗୋଲରାହାଟ ପଞ୍ଚାୟତ ଓ ନରସିଂହପୁର ପଞ୍ଚାୟତର ତିଲଙ୍ଗ କୋଠି ଛକସ୍ଥିତ ଶ୍ରୀବୃନ୍ଦାବନ ମହାପୁରୁଷଙ୍କ ପୀଠରୁ ନିର୍ବାଚନୀ ପ୍ରଚାର ଆରମ୍ଭ କରିଥିଲେ।

# ସ୍ୱାଧୀନ ସାଂସଦ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

ପଟ୍ଟାମୁଣ୍ଡାଇ,୨୪।୫(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲାର ସୂଚନା ଅଧିକାର କର୍ମୀ ଚାଷୀ ନେତା ପ୍ରତାପ ଚନ୍ଦ୍ର ମହାନ୍ତି କେନ୍ଦ୍ରାପଡ଼ା ଲୋକସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ତାଙ୍କ ପ୍ରାର୍ଥୀତ୍ୱକୁ ରାଜ୍ୟ ଜନଶକ୍ତି ପାର୍ଟି ସମର୍ଥନ ଜଣାଇଛି। ଶୁକ୍ରବାର ସ୍ୱାଧୀନ ସାଂସଦ ପ୍ରାର୍ଥୀ ମହାନ୍ତି ପଟ୍ଟାମୁଣ୍ଡାଇର ବିଭିନ୍ନ ଅଞ୍ଚଳ ବୁଲି ନିର୍ବାଚନ ପ୍ରଚାର କରିବା ସହିତ ଜନ ସମର୍ଥନ ଭିକ୍ଷା କରିଥିଲେ । ତାଙ୍କ ସହିତ ରାଜ୍ୟ ଜନଶକ୍ତି ପାର୍ଟି ସଭାପତି ଆଡ଼ଭୋକେଟ ପ୍ରଦୀପ ଦାଶ, ରଞ୍ଜନ ରାଉତ, ଅମିତାଭ ଚାନ୍ଦ, ଚନ୍ଦ୍ରଶେଖର ରାଉତ, ପ୍ରଫୁଲ୍ଲ ସାହୁ, ସୋମନାଥ ବାରିକ, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଶାନ୍ତ ବେହେରା, ସୁଶାନ୍ତ ମଲିକ ପ୍ରମୁଖ ଜନସମର୍ଥନ ପାଇଁ ନିବେଦନ କରିଥିଲେ।

# ମହିଳା ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ରାଜନଗର,୨୪।୫(ଭାସ୍କର ରାଉତରାୟ)

ସାଧାରଣ ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବିଜେଡି ଲୋକଙ୍କ ପାଖରେ ପହଁଚିବା ପାଇଁ ବିଭିନ୍ନ ତରିକାରେ ପ୍ରଚାର ଆରମ୍ଭ କରିଛି। ନାମାଙ୍କନ ଦାଖଲ ପୂର୍ବରୁ ପ୍ରତି ପଞ୍ଚାୟତରେ କର୍ମୀ ସମ୍ମିଳନୀ ଚାଲିଥିବା ବେଳେ ଏବେ ପ୍ରାର୍ଥୀମାନେ ରୋଡ ଶୋ କରି ଲୋକମାନଙ୍କୁ ଭେଟୁଛନ୍ତି। ମହିଳା ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଜାରି ରହିଛି। ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତର ନୂଆଗାଁ, ବଡଆଡିଆ, ବାଙ୍କୁଆଳ, ତ୍ରିଲୋଚନପୁର, ବାଲିସାହିପାଟଣା ପଞ୍ଚାୟତର ଧାନଦିଆ, ବାରଦିଆ, ପୋଖରିଆ, ଚମ୍ପାଦିଆ, ପଦିନି, ମଦରଙ୍ଗା, ବାଲିସାହିପାଟଣା, ମଧୁପୁର, ନୂଆଗାଁ ପ୍ରଭୃତି ଗାଁର ଘରକୁ ଘର ବୁଲି କର୍ମୀମାନେ ଶଙ୍ଖଚିହ୍ନ ପୋଷ୍ଟର ମାରିବା ସହିତ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କହିବା ସହ ସରକାରଙ୍କ ଯୋଜନା ସଂପର୍କରେ ବର୍ଣ୍ଣନା କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଦ୍ରୌପଦୀ ସେଠୀ, ଅନୁସୂୟା ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ଖୁକୁମିନା କୁଅଁର, ପୂର୍ବତନ ସରପଞ୍ଚ କାନ୍ତିଲତା ବେହେରା, ପ୍ରମିଳା ସାମଲ, ସୁରେଖା ବିଶ୍ୱାଳ, ପ୍ରଭାବତୀ ବେହେରା, ମନ୍ଦାକିନୀ ବେହେରା, ଦୁର୍ଗା ବେହେରା, ଜୟନ୍ତୀ ବେହେରା, ଯମୁନା ଦଳେଇ, ମିନତୀ ବେହେରା, ସୁଲୋଚନା ବେହେରା, ସତ୍ୟଭାମା ସାହୁ, ସସ୍ମିତା ଜେନା, କମଳା ଭୂୟାଁ, କମଳା ଭୂୟାଁ, ସବିତା ସାହୁ, ମମତା ବାରିକ,ଶାନ୍ତିଲତା ପ୍ରଧାନ, ଅନୁସୂୟା ମାହୁନ୍ତ, ନମିତା ମଳିକ, ଯମୁନା ମଳିକ, ସବିତା ମାହୁନ୍ତ, ସୁମିତ୍ରା ରାଉତ, ଅନ୍ନପୂର୍ଣ୍ଣା ରାଉତ, ଆରତୀ ପରିଡ଼ା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ଓ ପୁରୁଷ କର୍ମୀମାନେ।

# ଡେରାବିଶରେ ଯାନବାହନ ଯାଞ୍ଚ

ଡେରାବିଶ,୨୪।୫(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲାରେ ଜୁନ ୧ ତାରିଖରେ ମତଦାନ ହେବ। ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଡେରାବିଶ ପୋଲିସ ପକ୍ଷରୁ ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥ ଓ ବିଭିନ୍ନ ଗ୍ରାମ୍ୟ ରାସ୍ତାରେ ଯାନବାହାନ ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ଶୁକ୍ରବାର ଥାନା ଅନ୍ତର୍ଗତ ଏଣ୍ଡର ପଞ୍ଚାୟତର ପଞ୍ଚୁପାଣ୍ଡବଠାରେ ଚାରିଚକିଆ ଓ ଦୁଇ ଚକିଆ ଗାଡ଼ିର ଯାଞ୍ଚ କରାଯାଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଜିଲା କୃଷି ବିଭାଗର ସହକାରୀ ଯନ୍ତ୍ରୀ ଗୌତମ ଗୁରୁପ୍ରସାଦ ଜେନାଙ୍କ ନେତୃତ୍ୱରେ ଏସ୍‌ପି କାର୍ଯ୍ୟାଳୟର ସ୍ୱାତିକ ହାଂସଦା, ଡେରାବିଶ ଥାନାର ଶିବ ପ୍ରସାଦ ଦାସ ପ୍ରମୁଖ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ଏହି ପ୍ରକ୍ରିୟା ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଥାନାଧିକାରୀ କିଶୋର ଚନ୍ଦ୍ର ତରାଇ ସୂଚନା ଦେଇଛନ୍ତି।

# ଭାଜପାର ମହିଳା ସମାବେଶ

ମହାକାଳପଡ଼ା,୨୪।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ଶୁକ୍ରବାର ଅପରାହ୍ନରେ ତେର ଗ୍ରାମପଞ୍ଚାୟତର ବଡ଼ ତେର ଗାଁଠାରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭାଜପା ସରକାର ଗଠନ ହେଲେ ମହିଳାମାନେ ସୁଭଦ୍ରା ଯୋଜନାରେ ଲାଭ ଉଠାଇ ପାରିବେ। ସେହିପରି ରାଜ୍ୟ ବିକାଶ କ୍ଷେତ୍ରରେ ଯଥେଷ୍ଟ ଆଗରେ ପହଞ୍ଚିବ। ଚାଷୀଙ୍କୁ ମିଳିବ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ସହାୟକ ମୂଲ୍ୟ। ଏହା ସହିତ ବରିଷ୍ଠଙ୍କୁ ମିଳୁଥିବା ଭତ୍ତା ୩ ହଜାର ଟଙ୍କାକୁ ବୃଦ୍ଧି ପାଇବ। ଅନେକ ଜନ କଲ୍ୟାଣ ମୂଳକ ଯୋଜନା କାର୍ଯ୍ୟକାରୀ ହେବ। ରାଜ୍ୟ ସରକାରଙ୍କ ମିଛ ପ୍ରତିଶ୍ରୁତିକୁ ଏହି ସମାରେ ବକ୍ତାମାନେ ସମାଲୋଚନା କରିଥିଲେ। ଚଳିତ ସାଧାରଣ ନିର୍ବାଚନରେ ଭାଜପାର ଉଭୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟ କରିବେ ବୋଲି ଉପସ୍ଥିତ ଅତିଥିମାନେ ସଭାରେ ଉପସ୍ଥିତ ମହିଳାମାନଙ୍କୁ ନିବେଦନ କରିଥିଲେ। ଉକ୍ତ ସମାବେଶରେ କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକ, ଉତ୍ତର ପ୍ରଦେଶ ବିଧାୟକ ସଞ୍ଜୟ ଶର୍ମା, ରାଜ୍ୟ ମହିଳା ନେତ୍ରୀ କାନନବାଳା ଦାସ, ଜାନକୀ ପ୍ରଧାନ, ସୌଭାଗ୍ୟ ପରିଡ଼ା, ବିକ୍ରମ ରାଉତ, ବିକ୍ରମାଦିତ୍ୟ ସାହୁ, ରାଜଲକ୍ଷ୍ମୀ ଦାସ, ପ୍ରତିମା ନାୟକ, ସୁକାନ୍ତ କୁମାର ଦାଶ, ପ୍ରଦୀପ ସେଠୀ, ପ୍ରକାଶ ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ ମହିଳାମାନେ ଉପସ୍ଥିତ ଥିଲେ।



ବଡ଼ ତେର ଗାଁଠାରେ ଭାଜପା ଆୟୋଜିତ ସମାବେଶରେ ଯୋଗଦେଇଥିବା ମହିଳା।

# ରଣପୁର ବ୍ଲକ୍ ମୁଖ୍ୟ କିରାଣିଙ୍କ ଘରେ ଚଢ଼ାଉ

- ଘରୁ ବାହାରିଲା ୨.୮୦ ଲକ୍ଷ ଟଙ୍କା
- ଚଢ଼ାଉକୁ ନେଇ ଗୋଷ୍ଠୀ ସଂଘର୍ଷ
- ଭାଜପା କର୍ମୀ ଗୁରୁତର, ବିଜେଡି କର୍ମୀ ଆହତ

ନୟାଗଡ଼/ରଣପୁର,୨୪।୫
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ରଣପୁର ନିର୍ବାଚନମଣ୍ଡଳୀର ରଣପୁର ହାଟସାହିସ୍ଥିତ ରଣପୁର ବ୍ଲକ୍ ମୁଖ୍ୟ କିରାଣୀଙ୍କ ବାସଭବନ ଉପରେ ଗୁରୁବାର ରାତିରେ ଫ୍ଲାଇଂ ସ୍କ୍ୱାର୍ଡର ୭ ଜଣିଆ ଟିମ୍‌ର ଚଢ଼ାଉକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଛି। ଚଢ଼ାଉରେ ୨.୮୦ ଲକ୍ଷ ଟଙ୍କା ଜବତ ହୋଇଛି । ଏହି ଚଢ଼ାଉକୁ ଭାଜପା କର୍ମୀମାନେ ସ୍ୱାଗତ କରିଥିଲେ। ତେବେ ବିଜେଡିର କେତେଜଣ କର୍ମୀ ଓ ସମର୍ଥକ ପହଞ୍ଚି ଚଢ଼ାଉକୁ ବିରୋଧ କରି ଭାଜପା କର୍ମୀଙ୍କୁ ମିଳିତ ଆକ୍ରମଣ କରିଥିଲେ। ବିଜେଡି କର୍ମୀଙ୍କ ମିଳିତ ଆକ୍ରମଣରେ ଭାଜପା କର୍ମୀ ରଣପୁର ଶାମୁକା ସାହିର ଶମ୍ଭୁ ମହାରଣା ଗୁରୁତର ହୋଇଛନ୍ତି। ଅନ୍ୟପକ୍ଷେ ଭାଜପାର ଜଣେ କର୍ମୀ ଗୁରୁତର ହେବା ପରେ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏଥିରେ ବିଜେଡିର ରଣପୁର ସୁଆଁସିଆ ସାହିର କୈଳାସ ପ୍ରଧାନ ଆହତ ହୋଇଥିଲେ। ଅନ୍ୟପକ୍ଷେ ଗୁରୁତର ଶମ୍ଭୁଙ୍କୁ ପ୍ରଥମେ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣାକୁ ନେଇ ରଣପୁରରେ ଗୁରୁବାର ରାତି ତମାମ ଉତ୍ତେଜନା ଲାଗି ରହିଥିଲା। ଖବର ପାଇ ରଣପୁର ଥାନା ପୋଲିସ ପହଞ୍ଚି ତଦନ୍ତ କରିଥିଲା। ତେବେ ପୋଲିସର ଏକ ପାଖିଆ ତଦନ୍ତ ଉପରେ ପ୍ରଶ୍ନ ଉଠାଇ ଭାଜପା କର୍ମୀମାନେ ପୋଲିସକୁ ଗାଳିଗୁଲଜ କରିଥିବା ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ରଣପୁର ବ୍ଲକ ମୁଖ୍ୟ କିରାଣୀ ସତ୍ୟ ନାରାୟଣ ନରେନ୍ଦ୍ର ସିଂଙ୍କ ବାସଭବନ ରଣପୁର ହାଟସାହିରେ ରହିଛି। ତାଙ୍କ ବାସଭବନ ପାଖରେ ବିଜେଡର ନିର୍ବାଚନ କାର୍ଯ୍ୟାଳୟ ଖୋଲିଛି। ବିଜେଡିର ଟଙ୍କା ମୁଖ୍ୟ କିରାଣୀଙ୍କ ବାସ ଭବନରେ ମହଜୁଦ ଥିବାର ଅଭିଯୋଗ ପାଇ ଗୁରୁବାର ରାତିରେ ଫ୍ଲାଇଂ ସ୍କ୍ୱାର୍ଡର ୭ ଜଣିଆ ଟିମ୍ ଚଢ଼ାଉ କରିଥିଲା। ଗୁରୁବାର ରାତି ୧୧ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିଲା। ଖବର ପାଇ ଭାଜପାର ଶତାଧିକ କର୍ମୀ ବ୍ଲକ୍ ମୁଖ୍ୟ କିରାଣୀଙ୍କ ଘର ଚାରିପଟେ ରୁଣ୍ଡ ହୋଇ ଚଢ଼ାଉକୁ ସ୍ୱାଗତ କରିଥିଲେ। ଖବର ପାଇ ବିଜେଡି ସମର୍ଥକ, କର୍ମୀ ଓ ନେତା ଘଟଣାସ୍ଥଳରେ ପହଞ୍ଚି ଭାଜପା କର୍ମୀଙ୍କୁ ବିରୋଧ କରି ଗାଳିଗୁଲଜ କରିଥିଲେ। ଏପରକି ବ୍ଲକ ମୁଖ୍ୟ କିରାଣୀଙ୍କ ଘର ଉପରେ ଚଢ଼ାଉ ଠିକ୍ ନୁହଁ କହି ପାଟିତୁଣ୍ଡ କରିଥିଲେ। ପରେ ଭାଜପା କର୍ମୀଙ୍କ ଉପରେ ଆକ୍ରମଣ କରିଥିଲେ। କିଛି ସମୟ ପରେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଅନ୍ୟପକ୍ଷେ ନିର୍ବାଚନି ଫ୍ଲାଇଂ ସ୍କ୍ୱାଡ୍ ମୁଖ୍ୟ କିରାଣୀଙ୍କ ଘର ତନଖି କରି ୨ଲକ୍ଷ ୮୦ ହଜାର ଟଙ୍କା ଜବତ କରିଥିଲା। ତେବେ ମୁଖ୍ୟ କିରାଣୀ ଜବତ ଟଙ୍କାକୁ ରଣପୁର ବ୍ଲକର ନିର୍ବାଚନୀ ଖର୍ଚ୍ଚ ଟଙ୍କା ଦର୍ଶାଇ ଖସି ଯାଇଥିଲେ। ନିର୍ବାଚନୀ ଫ୍ଲାଇଂ ସ୍କ୍ୱାର୍ଡ ଟଙ୍କା ଜବତ କରିଥିଲେ ମଧ୍ୟ ଖାଲି ହାତରେ ଫେରିଥିଲେ। ଜବତ ଟଙ୍କା ସମ୍ପର୍କରେ ରଣପୁର ବିଡିଓ ସୁଧିର ନାୟକ କୁହନ୍ତି, ୨ ଲକ୍ଷ ୮୦ ହଜାର ଟଙ୍କା ବିଏଲଓ ଭଲ୍ୟୁଣ୍ଟିର ସେକ୍ଟର ଅଫିସରଙ୍କୁ ବଣ୍ଟନ କରିବା ପାଇଁ ନିର୍ବାଚନ ବାବଦରେ ଆସିଥିଲା। ସଂପୃକ୍ତ ଟଙ୍କାକୁ ବ୍ଲକ୍ ମୁଖ୍ୟ କିରାଣୀ ଅଫିସରେ ନ ରଖି ଘରକୁ ନେଇ ଯାଇଥିଲେ। ତାହା ସରକାରୀ ଟଙ୍କା ବୋଲି ବିଡିଓ ସଫେଇ ଦେଇଛନ୍ତି।



ଗଣ୍ଡଗୋଳ ପରେ ଘଟଣାସ୍ଥଳରେ ଜମା ହୋଇଥିବା ଲୋକମାନେ।



ଆହତ ଭାଜପା କର୍ମୀଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

## ସଂକ୍ଷେପରେ

### ନୟାଗଡ଼ରେ ଭୋଟ ଦେବେ ଜିଲାପାଳ, ଏସ୍‌ପି

ନୟାଗଡ଼,୨୪।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳ ସ୍ୱାଧୀନଦେବ ସିଂ ଓ ନୟାଗଡ଼ ଏସ୍‌ପି ରାହୁଲ ଜୈନ ନୟାଗଡ ନିର୍ବାଚନମଣ୍ଡଳୀର ନୟାଗଡ଼ ସହରରେ ଭୋଟ ଦେବେ। ଉଭୟ ପ୍ରଶାନସିକ ଅଧିକାରୀଙ୍କର ନାଁ ନୟାଗଡ଼ ଭୋଟର ତାଲିକାରେ ସ୍ଥାନ ପାଇଛି। ଏଣୁ ଉଭୟ ପ୍ରଶାସନିକ ଅଧିକାରୀ ନୟାଗଡ଼ ଭୋଟର ହୋଇଛନ୍ତି।

## ଫୋକସ୍‌ରେ ମହିଳା ଭୋଟର

ଖଣ୍ଡପଡ଼ା,୨୪।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ନିମନ୍ତେ ଗୁରୁବାର ନିର୍ବାଚନ ପ୍ରଚାର ଶେଷ ହୋଇଛି। ଆସନ୍ତା ୨୫ରେ ଭୋଟ ଗ୍ରହଣ ହେବ । ଅନ୍ତିମ ଦିବସରେ ବିଭିନ୍ନ ଦଳ ପ୍ରଚାରକୁ ଜୋରଦାର କରିଛନ୍ତି । ଚଳିତ ନିର୍ବାଚନରେ ମହିଳା ଭୋଟରଙ୍କୁ ତିନି ପ୍ରମୁଖ ଦଳ ବିଶେଷ ଗୁରୁତ୍ୱ ଦେବା ସହିତ ଭୋଟ ହାତେଇବା ଦିଗରେ ଲାଗି ପଡିଛନ୍ତି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ମୋଟ ୧୦ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ସାମିଲ ହୋଇଥିବା ବେଳେ ସେଥିମଧ୍ୟରୁ ୫ଜଣ ହେଉଛନ୍ତି ମହିଳା । ବିଜେଡି ଚଳିତ ନିର୍ବାଚନରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ମହିଳା କାର୍ଡ ଖେଳିବା ସହିତ ମହିଳା ଭୋଟରଙ୍କ ଆସ୍ଥା ଭାଜନ ହେବାକୁ ଅଣ୍ଟା ଭିଡିଛି । ସମାନ ରାସ୍ତାରେ କଂଗ୍ରେସ ମଧ୍ୟ ମହିଳା ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇଛି । ଅନ୍ୟ ପକ୍ଷେ ଭାଜପା ପକ୍ଷରୁ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବାର ପ୍ରତିଶ୍ରୁତି ସହ ନିର୍ବାଚନ ପ୍ରଚାର କରୁଥିବା ବେଳେ ମହିଳା ଭୋଟ ହାତେଇବ ବୋଲି ଆଶା ବାନ୍ଧିଛି । ଗତ ପ୍ରାୟ ୧୦ ଦିନର ପ୍ରଚାର କାର୍ଯ୍ୟକ୍ରମ ଦେଖିଲେ ୩ ପ୍ରମୁଖ ଦଳ ମହିଳା ଭୋଟରଙ୍କୁ ନିଜ ଆଡକୁ ଟାଣିବାକୁ ଉଦ୍ୟମ ଜାରି ରଖିଛନ୍ତି । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ମହିଳା ଭୋଟରମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆଶା ବାନ୍ଧିଛନ୍ତି । ଉଲ୍ଲେଖଯୋଗ୍ୟ, ଉକ୍ତ ନିର୍ବାଚନମଣ୍ଡଳୀରେ ମୋଟ ୮୭ ହଜାର ୬୪ଜଣ ମହିଳା ଭୋଟର ଏବଂ ୯୭ ହଜାର ୫୮୮ ଜଣ ପୁରୁଷ ଭୋଟର ଶନିବାର ନିଜର ମତାଧିକାର ସାବ୍ୟସ୍ତ କରିବେ।

# ଜୀବନରେ ଲୋଡ଼ା ପ୍ରତିବଦ୍ଧତା: ଅରୁଣ

ନୟାଗଡ଼,୨୪।୫ (ଲୋକନାଥ ମିଶ୍ର)



ଭୋଟ ଗ୍ରହଣ ପୂର୍ବରୁ ନୟାଗଡ଼ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁ ଯୁବ, ଛାତ୍ର, ମହିଳା, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ଆଇନଜୀବୀମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମର ଆୟୋଜନ କରିବା ସହ ପ୍ରତିବଦ୍ଧତା ସମ୍ପର୍କରେ ଅଭିଭାଷଣ ରଖିଛନ୍ତି। ସେ ଜୀବନରେ ପ୍ରତିଶ୍ରୁତି, ପ୍ରତିବଦ୍ଧତା, ନୟାଗଡ଼ରେ ଶାନ୍ତି ପ୍ରତିଷ୍ଠା, ଗ୍ରୀନ୍ କ୍ୟାମ୍ପେନ ଓ ଭଲ ମଣିଷ ହେବାର ଟିପ୍ସ ପ୍ରଦାନ କରିଛନ୍ତି।

ଅରୁଣ କହିଛନ୍ତି, ପ୍ରତ୍ୟେକ ମଣିଷ ନିଷ୍ଠା ଓ କଠୋର ପରିଶ୍ରମ କରିବା ଦରକାର। ଅନୁଭବ ଓ ଅନୁଭୂତିକୁ ସମାଜ ସେବାରେ ଲଗାଇବାର ଆବଶ୍ୟକତା ରହିଛି। ରାଜନୀତି ହେଉଛି ସମାଜ ସେବାର ଏକ ବଳିଷ୍ଠ ମାଧ୍ୟମ। ପ୍ରତିଶ୍ରୁତିରୁ କିପରି ପ୍ରତିବଦ୍ଧତା ହୋଇପାରିବ ସେଥିପ୍ରତି ସେ ଧ୍ୟାନ ଆକର୍ଷଣ କରିଛନ୍ତି। ଗ୍ରୀନ କ୍ୟାମ୍ପେନ ମାଧ୍ୟମରେ ଅନେକ ସଫଳତା ମିଳିଥିବା କହିଛନ୍ତି। ବାୟୁ ପ୍ରଦୂଷଣ ରୋକିବା ସହ ଅନେକ ବାର୍ତ୍ତା ପ୍ରଦାନ କରାଯାଇଥିବା କହିଛନ୍ତି। ଏଥିଥର ନିର୍ବାଚନରେ ନୟାଗଡ଼ ନିର୍ବାଚନମଣ୍ଡଳୀର ୪୭ ଗ୍ରାମପଞ୍ଚାୟତର ୪ଶହରୁ ଉର୍ଦ୍ଧ୍ୱ ଗ୍ରାମକୁ ଯାଇ ୧ ଲକ୍ଷ ଭୋଟରଙ୍କ ପାଖରେ ପହଞ୍ଚି ପାରିଛନ୍ତି। ଭାରତ ବର୍ଷର ରାଜନୀତି, ରାଜ୍ୟ ରାଜନୀତି ଓ ନୟାଗଡ଼ ରାଜନୀତି ସମ୍ପର୍କରେ ଅରୁଣ ବିଭିନ୍ନ ବକ୍ତବ୍ୟ ରଖିଛନ୍ତି। ତାଙ୍କ ମତରେ କେବଳ ଭିତ୍ତିଭୂମି ହେଲେ ବିକାଶ ହୁଏ ନାହିଁ। ପ୍ରତ୍ୟେକ ବିକାଶ କାର୍ଯ୍ୟରେ ଜନସାଧାରଣଙ୍କ ସହଭାଗିତା ରହିବା ଆବଶ୍ୟକ। ରାଜନୀତି ଏକ ଫେଶନ ନ ହେଉ। ଟିକେଟ୍ ଖଣ୍ଡିଏ ପାଇଗଲେ ରାଜନୀତି ସେଠାରେ ଶେଷ ହୁଏ ନାହିଁ। ନିର୍ବାଚନରେ ଜିତନ୍ତୁ ଅବା ହାରନ୍ତୁ ଜୀବନର ପ୍ରତିବଦ୍ଧତା ରହିବା ଦରକାର ବୋଲି ସେ କହିଥିଲେ।

ନିର୍ବାଚନ ଲଢ଼ିବା ପୂର୍ବରୁ ନୟାଗଡ଼ ନିର୍ବାଚନମଣ୍ଡଳୀରେ ଯେଉଁ ଅଶାନ୍ତି ସୃଷ୍ଟି ହେଉଥିଲା ଆଜି ତାହା ଦେଖିବାକୁ ମିଳୁନାହିଁ ବୋଲି ଅରୁଣ କହିଛନ୍ତି। ଭିତ୍ତିଭୂମି, ବିକାଶ ସହିତ ଶାନ୍ତି, ମୈତ୍ରୀ ଓ ସଂହତିର ଆବଶ୍ୟକତା ରହିଛି। ଇଲେକ୍ସନ ଆସିବ, ଟେନ୍ସନ ଆସିବ। ସେଥିନିମନ୍ତେ ବିଚଳିତ ହେବାର ଆବଶ୍ୟକତା ନାହିଁ। ନୟାଗଡ଼ ଏଭଳି ଏକ ନିର୍ବାଚନମଣ୍ଡଳୀ ଯେଉଁଠି ଖଣିଖାଦାନ ଓ ଶିଳ୍ପର ସ୍ଥାନ ନାହିଁ। ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଉପର ଓ ତଳ ଶୁଷ୍କ ହୋଇ ରହିଛି। ନୟାଗଡ଼ବାସୀଙ୍କ ଆଶୀର୍ବାଦରେ ନୟାଗଡ଼ରେ ରେଳ ଚଳାଚଳ ଆରମ୍ଭ ହୋଇଛି। ଆଗାମୀ ଦିନରେ ନୟାଗଡ଼ ନିର୍ବାଚନମଣ୍ଡଳୀ ଶିଳ୍ପସମୃଦ୍ଧ ହେବ ବୋଲି ସେ କହିଛନ୍ତି। ପ୍ରତ୍ୟେକ ରାଜନୈତିକ ବ୍ୟକ୍ତି ନିଜ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ମଣିଷ କିପରି ଶାନ୍ତିପୂର୍ଣ୍ଣ ଜୀବନ ବିତାଇବେ ସେଥିନିମନ୍ତେ ସମସ୍ତେ ପ୍ରୟାସ ଜାରି ରଖିବା ଆବଶ୍ୟକ ବୋଲି ଅରୁଣ କହିଛନ୍ତି।

# ଗାଁକୁ ରାସ୍ତା ନ ଥିବାରୁ ଗଲାନି ଆମ୍ବୁଲାନ୍ସ



ଜଣେ ମହିଳାଙ୍କୁ ଷ୍ଟ୍ରେଚରରେ ନିଆଯାଉଛି।

ନୟାଗଡ଼,୨୪।୫(ଲୋକନାଥ ମିଶ୍ର)

- ଜଣେ ଚାଲି ଚାଲି ଆସିଲେ ଅନ୍ୟ ଜଣେ ଦୋଳାରେ
- ଚାଲି ଚାଲି ଆସିଥିବା ଗର୍ଭବତୀଙ୍କ ମୃତ ଶିଶୁପୁତ୍ର ଜନ୍ମ
- ଦୋଳାରେ ଜନ୍ମ ହେଲା ଶିଶୁପୁତ୍ର

ନୟାଗଡ଼ ଜିଲା ଗଣିଆ ବ୍ଲକର ଅଧିକାଂଶ ଗାଁକୁ ରାସ୍ତା ନ ଥିବାରୁ ଗାଁଗୁଡିକୁ ଆମ୍ବୁଲାନ୍ସ ଯାଇ ପାରୁ ନାହିଁ । ଗଣିଆ ବ୍ଲକର ସଲପଗଣ୍ଡା ଓ ମୂଷିଗୁଡା ଗାଁ ପରି ଦୁଇଟି ଗାଁକୁ ରାସ୍ତା ନ ଥିବାରୁ ଶୁକ୍ରବାର ଗାଁ ଦୁଇଟିକୁ ଆମ୍ବୁଲାନ୍ସ ଯାଇ ପାରି ନ ଥିଲା । ପ୍ରସବବେଦନା ବଢ଼ିବାରୁ ସଲପଗଣ୍ଡା ଗାଁର ଗର୍ଭବତୀ ଚାଲି ଚାଲି ଆସିଥିବାବେଳେ ମୂଷିଗୁଡା ଗାଁର ଜଣେ ଗର୍ଭବତୀ ଦୋଳାରେ ଆସିଥିଲେ । ମୂଷିଗୁଡା ଗାଁର ସମ୍ପୃକ୍ତା ମହିଳାଙ୍କର ଦୋଳାରେ ଜଙ୍ଗଲ ମଧ୍ୟରେ ଶିଶୁ ପୁତ୍ର ଜନ୍ମ ନେଇଥିବାବେଳେ ସଲପଗଣ୍ଡା ଗାଁର ମହିଳାଙ୍କର ନବଜାତ ଶିଶୁ ପୁତ୍ର ମା ଗର୍ଭରୁ ମୃତ୍ୟୁ ଘଟିଛି। ମା'ଚାଲି ଚାଲି ବହୁ ବାଟ ଆସିବାରୁ ଶିଶୁପୁତ୍ର ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ମୂଷିଗୁଡା ଗାଁର ପ୍ରଶାନ୍ତ ଜାନିଙ୍କ ସ୍ତ୍ରୀ ରଶ୍ମିତାଙ୍କ ଶୁକ୍ରବାର ଗର୍ଭ ବେଦନା ବଢ଼ିଥିଲା । ଗାଁକୁ ରାସ୍ତା ନ ଥିବାରୁ ପରିବାର ଲୋକ ଦୋଳାରେ ରଶ୍ମିତାଙ୍କୁ ୫ କିମି ନେଉଥିଲେ । ବାଟରେ ଗଲାବେଳେ ଜଙ୍ଗଲିଆ ରାସ୍ତାରେ ରଶ୍ମିତାଙ୍କ ଦୋଳାରେ ଶିଶୁ ପୁତ୍ର ଜନ୍ମ ହୋଇଥିଲା । ପରେ ମା' ଓ ନବାଜାତ ଶିଶୁକୁ ଅଟୋ ଯୋଗେ ମଧଖଣ୍ଡ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ମା'ପୁଅ ସୁସ୍ଥ ଅଛନ୍ତି । ଅନ୍ୟପକ୍ଷେ ସଲପଗଣ୍ଡା ଗାଁର ହରିହର ପ୍ରଧାନଙ୍କ ସ୍ତ୍ରୀ ଜୟନ୍ତୀଙ୍କର ମଧ୍ୟ ଶୁକ୍ରବାର ପ୍ରସବ ବେଦନା ବଢ଼ି ଚାଲିଥିଲା । ଜୟନ୍ତୀଙ୍କୁ ଦୋଳାରେ ନେବା ପାଇଁ ପ୍ରୟାସ ହୋଇଥିଲା । ତେବେ ଲୋକ ନ ମିଳିବାରୁ ଚଲେଇ ଚଲେଇ ରାଇମଡା ଜାନିସାହି ପ୍ରାୟ ୫କି.ମି.ଯିବାକୁ ପଡିଲା । ପରେ ଅଟୋ ଯୋଗେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ଜୟନ୍ତୀଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ନୟାଗଡ଼ରେ ଜୟନ୍ତୀ ମୃତଶିଶୁ ଜନ୍ମ କରିଥିଲେ । ଜୟନ୍ତୀଙ୍କର ଅବସ୍ଥା ଗୁରୁତର ରହିଛି ।

# ବୁଥ୍‌କୁ ଗଲେ ପୋଲିଂ ପାର୍ଟି

ନୟାଗଡ଼,୨୪।୫(ଲୋକନାଥ ମିଶ୍ର)

ଶନିବାର ପୁରୀ ଲୋକସଭା କ୍ଷେତ୍ରର ରଣପୁର ଓ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ କଟକ ଲୋକସଭା କ୍ଷେତ୍ରର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବ । ୨୫ ତାରିଖରୁ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ପୋଲଂ ପାର୍ଟି ୩ଟି ନିର୍ବାଚନମଣ୍ଡଳୀର ୭୦୩ ବୁଥ୍‌କୁ ଯାଇଛନ୍ତି। ପୋଲିଂ ପାର୍ଟି ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ୨୧୭ବୁଥ୍, ରଣପୁର ନିର୍ବାଚନ ମଣ୍ଡଳୀରେ ୨୪୦ଟି ବୁଥ୍ ଓ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ୨୪୬ ବୁଥ୍‌ରେ ପହଞ୍ଚିବା ପରେ ମତଦାନ ପାଇଁ ସେମାନଙ୍କର ପ୍ରସ୍ତୁତିକାର୍ଯ୍ୟ ଶେଷ କରିଛନ୍ତି।



ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଭୋଟ ଗ୍ରହଣ କେନ୍ଦ୍ରକୁ ଯିବା ପାଇଁ ମହିଳା କର୍ମଚାରୀମାନେ ଅପେକ୍ଷା କରିଛନ୍ତି।

# ଅଧାରେ ଅଟକିଛି ରାସ୍ତା ନିର୍ମାଣ

ଖଣ୍ଡପଡ଼ା,୨୪।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଏନଏସି ପକ୍ଷରୁ ବିଭିନ୍ନ ୱାର୍ଡରେ ନିର୍ମାଣଧୀନ ଉନ୍ନୟନ ମୂଳକ କାମ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି । ଖଣ୍ଡପଡ଼ା ସହରର ୧୨ ନଂ. ୱାର୍ଡ ଅଧୀନ ମଧୁବନ ମିନି ଷ୍ଟାଡିୟମ ପଛ ପାର୍ଶ୍ୱରେ ସ୍ଥାୟୀ ବାସଗୃହ ନିର୍ମାଣ କରି ରହୁଥିବା ସ୍ଥାନୀୟ ବାସିନ୍ଦାଙ୍କ ଯାତାୟାତ ନିମନ୍ତେ ଖଣ୍ଡପଡ଼ା ଏନଏସି ପକ୍ଷରୁ ଏକ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି ରାସ୍ତା ଏବେ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି । ଉକ୍ତ ରାସ୍ତାର ସମ୍ମୁଖ ଭାଗ ଓ ପଛପାଖ ରାସ୍ତା ନିର୍ମାଣ କରାଯାଇ ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଫଳରେ ଉକ୍ତ ରାସ୍ତା ଦେଇ ଜନସାଧାରଣ ଯାତାୟତ କରି ପାରୁନାହାନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଧାରେ ଅଟକିଥିବା ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହେଉଛି।



# ମହାନଦୀରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କାମ ଅଧାପନ୍ତରିଆ

## ଗୋଚର ଭୂମିରେ ପଡ଼ି ଖତ ଖାଉଛି ପାଇପ

ଓଡ଼ଗାଁ,୨୪।୫(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲାକୁ ମହାନଦୀରୁ ପିଇବା ପାଣି ଯୋଗାଣ ହେବ। ଏଥିରେ ନୟାଗଡ଼ ସମେତ ରଣପୁର ବ୍ଲକ୍‌ର ଜନସାଧାରଣ ଉପକୃତ ହେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରି ସାରିଛନ୍ତି। କିନ୍ତୁ ଏହି ଯୋଜନା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଏହି ଘୋଷଣାକୁ ଦେଢ ବର୍ଷ ବିତି ଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଗାଁରେ ପାଇପ ପାଣି ତ ଦୂରର କଥା ସେଥିପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଓଡ଼ଗାଁ କୁରାଳ ରାସ୍ତାରେ ଗୋଚର ଜମିରେ ଥିବା ଅନେକ କୋଟି ଟଙ୍କାର ପାଇପ ପଡ଼ି ଖତ ଖାଉଥିବା ଏହାର ଜ୍ୱଳନ୍ତ ଉଦାହରଣ ବୋଲି ସ୍ଥାନୀୟ ଲେକାମାନେ କହିଛନ୍ତି।

ସୂଚନା ଅନୁଯାୟୀ, ଓଡ଼ଗାଁ ଏନଏସିକୁ ବୁଢାବୁଢିଆଣି ଜଳଭଣ୍ଡାରରୁ ଲୋକଙ୍କୁ ୨୪ଘଣ୍ଟିଆ ପାଣି ଯୋଗାଣର ବ୍ୟବସ୍ଥା କରାଯାଇଛି। ବାକି ପଞ୍ଚାୟତର ଘରେ ଘରେ ମହାନଦୀ ପାଣି ପହଞ୍ଚାଇବା ଲକ୍ଷ୍ୟ ରଖି ଏହି କାମ ଆରମ୍ଭ ହେବ ବୋଲି ଘୋଷଣା କରାଯାଇଥିଲା । କିନ୍ତୁ ଜଳ ଓ ପରିମଳ ବିଭାଗ ଏହାକୁ ଗୁରୁତ୍ୱ ନ ଦେଇ ଲୋକଦେଖାଣିଆ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। କେତକ ସ୍ଥାନରେ ଠିକାଦାର ରାସ୍ତାଘାଟ ଖୋଳି ପକାଇ ରଖିଥିବା ବେଳେ ଆଉ କେତେକ ସ୍ଥାନରେ ପାଇପ ପକାଇ ଠିକାଦାର ଛୁ ମାରିଛନ୍ତି। ସବୁ ସ୍ଥାନରେ ଅଧାପନ୍ତରିଆ ଅବସ୍ଥାରେ କାମ ପଡି ରହିଛି। ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ବିଭିନ୍ନ ଅଞ୍ଚଳରେ ଜଳ କଷ୍ଟ ଲାଗି ରହିଛି। ମହାନଦୀ ପାଣି ଲୋକଙ୍କ ପାଖରେ କେବେ ପହଞ୍ଚିବ ତାହା କାହାକୁ ଜଣାନାହିଁ। ଏଣେ ଠିକାଦାର ବିଭିନ୍ନ ଗାଁରେ ରାସ୍ତା ଘାଟ ଖୋଳି ନଷ୍ଟ କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏପଟେ ଅନେକ କୋଟି ଟଙ୍କାର ପାଇପ ପଡ଼ି ଖତ ଖାଉଥିଲେ ମଧ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। କେତେକ ପଞ୍ଚାୟତରେ ପାଇପ୍ ବିଛା ଯାଇ ନାହିଁ । ଆଉ କେତେକ ସ୍ଥାନରେ କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି । ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗରୁ କୌଣସି ସ୍ପଷ୍ଟ ତଥ୍ୟ ମିଳୁ ନାହିଁ। ଏବେ ବି ଓଡ଼ଗାଁ ଠାରୁ କୁରାଳ ଯିବା ରାସ୍ତାରେ ଏକ ସ୍ଥାନରେ ଛୋଟ ବଡ଼ ପାଇପ ୧ ବର୍ଷ ହେବ ଗଦା ହୋଇ ରହିଛି। କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ପାଇଁ ଜଳ ଓ ପରିମଳ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁଙ୍କୁ ବାରମ୍ବାର ଫୋନ କରାଯାଇଥିଲା। ହେଲେ ତାହା ସମ୍ଭବ ହୋଇପାରିନାହିଁ ।



# ମିଛ କହି ବୁଲୁଛନ୍ତି ବିରୋଧୀ: ନବୀନ

ଯାଜପୁର,୨୪।୫ (ହର୍ଷବର୍ଦ୍ଧନ ବେହେରା)

## ମିଶନ ଶକ୍ତି ମା'ମାନଙ୍କୁ ପେନ୍‌ସନ ମିଳିବ: ପାଣ୍ଡିଆନ



କୋରେଇ ବ୍ଲକ ବ୍ରାହ୍ମଣୀଦେବୀ ପଡ଼ିଆରେ ଅନୁଷ୍ଠିତ ବିଜେଡିର ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଅନ୍ୟମାନେ।

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁକ୍ରବାର ଯାଜପୁର ଜିଲା କୋରେଇ ବ୍ଲକ ବ୍ରାହ୍ମଣୀଦେବୀ ପଡ଼ିଆରେ ବିଶାଳ ନିର୍ବାଚନୀ ସଭାରେ ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି। ବିରୋଧୀ ଦଳ ମିଛ କହୁଛନ୍ତି ବୋଲି ସେ କହିବା ସହ ରାଜ୍ୟର ବିକାଶ ଧାରାକୁ ବଜାୟ ରଖିବା ପାଇଁ ବିଜେଡିର ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀମାନଙ୍କୁ ଭୋଟ ଦେଇ ଆଶୀର୍ବାଦ କରନ୍ତୁ ବୋଲି ଅନୁରୋଧ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନା ଯଥା କାଳିଆ, ମଧୁବାବୁ ପେନସନ, ବିଏସ୍‌କେୱାଇ, ମମତା ସମେତ ପୁରୀ ମନ୍ଦିର କାମ, ଲକ୍ଷ୍ମୀ ବସ୍ ଆଦି ଭଲ ତ ବୋଲି ଉପସ୍ଥିତ ଲୋକଙ୍କୁ ପଚାରି ବୁଝିଛନ୍ତି।

ଏହାପରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଯାଜପୁର ଜିଲାରେ ପୁଞ୍ଜିନିବେଶ, ଯଯାତି କେଶରୀ ମେଡିକାଲ କଲେଜ, ବିରଜା ମନ୍ଦିରର ଉନ୍ନୟନ କାର୍ଯ୍ୟ ପାଇଁ ୧୫ କୋଟି ଟଙ୍କା, ମନ୍ଦିର, ମସଜିଦ, ଚର୍ଚ୍ଚ ଆଦିର ରୂପାନ୍ତରୀକରଣ, ଲକ୍ଷ୍ମୀ ଯୋଜନା ଆଦି କିଏ କରିଛନ୍ତି ବୋଲି ପଚାରିବା ସହ ବିଜେଡିର ଶଙ୍ଖ ଚିହ୍ନକୁ ଭୋଟ ଦେବାକୁ ଅନୁରୋଧ କରିଛନ୍ତି। ସେ ଆହୁରି କହିଛନ୍ତି, ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ବିରଜାଙ୍କ ଆଶୀର୍ବାଦରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୯ ତାରିଖରେ ପୁଣିଥରେ ଶପଥ ଗ୍ରହଣ କରିବେ। ଏହାପରେ ବିଜୁଳି ବିଲ୍ ଛାଡ଼ ଉପରେ ପ୍ରଥମେ ଦସ୍ତଖତ କରିବେ। ଏଥିରେ ଓଡ଼ିଶାର ୯୦ ପ୍ରତିଶତ ପରିବାର ଉପକୃତ ହେବେ। ଦ୍ୱିତୀୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ଅନ୍ୟମାନଙ୍କୁ ସାମିଲ କରିବାକୁ ଦସ୍ତଖତ କରିବେ। ମିଶନ ଶକ୍ତିର ମା'ମାନଙ୍କ ଅନୁରୋଧକୁ ରକ୍ଷା କରିବାକୁ ଯାଇ ମୁଖ୍ୟମନ୍ତ୍ରୀ ୬୦ ବର୍ଷ ପରେ ସେମାନଙ୍କୁ ପେନସନ ଯୋଗାଇ ଦେବାର ବ୍ୟବସ୍ଥା କରିବେ। ଆଜି ଯେଉଁ ଜନ ସମୁଦ୍ର ଦେଖାଦେଇଛି, ତାକୁ ବିରୋଧୀ ଦଳର ନେତାମାନେ ହଜମ କରିପାରିବେ ନାହିଁ। ଏଠାକୁ ଭାଜପା ମୁଖ୍ୟମନ୍ତ୍ରୀମାନେ ଆସି ମୁଖ୍ୟମନ୍ତ୍ରୀ ଏବଂ ତାଙ୍କୁ ଗାଳି କରୁଛନ୍ତି। ଆସାମ, ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କୁ ଯେଉଁ କାଗଜ ଦିଆଗଲା ତଦନୁସାରେ ସେମାନେ ଭାଷଣ ଦେଇ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବୁ ବୋଲି କହିଛନ୍ତି। ତେବେ ନିଜ ରାଜ୍ୟ ଛତିଶଗଡ଼ ଓ ଆସାମକୁ କ'ଣ କରିବେ ବୋଲି ପାଣ୍ଡିଆନ ପ୍ରଶ୍ନ କରିଛନ୍ତି। ସେମାନଙ୍କ ମିଛ କଥା କହିବାର କିଛି ସୀମା ନାହିଁ। ମୁଖ୍ୟମନ୍ତ୍ରୀ ବିଜୁଳି ଛାଡ଼ ଘୋଷଣା କରିବା ପରେ ବିରୋଧୀ ଭାଜପା ନେତାମାନଙ୍କୁ କରେଣ୍ଟ ଲାଗିଗଲା। ସେମାନେ ମଧ ମାଗଣାରେ ବିଜୁଳି ଦେବେ ବୋଲି ମିଛ ପ୍ରତିଶ୍ରୁତି ଦେଇଛନ୍ତି। ଲୋକେ ୫୦ ହଜାର ଟଙ୍କାରେ ସୋଲାର ପ୍ୟାନେଲ କିଣିବେ, ନିଜେ ଛାତ ଉପରେ ଲଗାଇବେ ଏବଂ ସୂର୍ଯ୍ୟକିରଣରୁ ଡାଇରେକ୍ଟ ଭାଜପା ଆପଣମାନଙ୍କୁ ମାଗଣା ବିଜୁଳି ଦେବ, ଯାହାକି ନାଟକ ଦେଖେଇବାକୁ ଚେଷ୍ଟା କରୁଛି। ତେଣୁ ଶଙ୍ଖ ଚିହ୍ନରେ ଭୋଟ ଦେଲେ ପ୍ରକୃତ ବିକାଶ ହୋଇପାରିବ ବୋଲି ପାଣ୍ଡିଆନ କହିଛନ୍ତି।

ପ୍ରଣବପ୍ରକାଶ ଦାସ(ବବି)ଙ୍କ ଉଦ୍ଦେଶ୍ୟରେ କହିବାକୁ ଯାଇ ଯାଜପୁର ଜିଲା ବିଜେଡିର ସେନାପତିଙ୍କ ଜିଲା, ସେ ବାହାରକୁ ଯାଇ ଲଢୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ସମ୍ମାନ ରକ୍ଷା କରିବାକୁ ପାଣ୍ଡିଆନ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ପାଣ୍ଡିଆନଙ୍କ ଭାଷଣ ପୂର୍ବରୁ କୋରେଇ ବିଧାୟକ ଅଶୋକ ବଳ, ବିଧାୟକ ପ୍ରାର୍ଥିନୀ ସନ୍ଧ୍ୟାରାଣୀ ଦାସ, ଏମ୍‌ପି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ ପ୍ରମୁଖ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ବିଜେଡି ପ୍ରାର୍ଥୀମାନଙ୍କୁ ଜୟଯୁକ୍ତ କରାଇବାକୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଧର୍ମଶାଳା,୨୪।୫(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ଗ୍ରାମର ଜଣେ ବୃଦ୍ଧ ଶୁକ୍ରବାର ସ୍ଥାନୀୟ ପୋଖରୀରେ ଗାଧୋଉଥିବାବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ଗ୍ରାମର ଭକ୍ତଚରଣ ନାୟକ(୫୮)। ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ଭକ୍ତ ପୋଖରୀରେ ଗାଧୋଉଥିଲେ। ତେବେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଦୁର୍ଘଟଣାରେ ଅଧ୍ୟାପିକାଙ୍କ ମୃତ୍ୟୁ

ବଡ଼ଚଣା,୨୪।୫(ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ଗ୍ରାମର ଅଧ୍ୟାପିକା ସ୍ୱାଗତିକା ରାଉତ(୪୭)ଙ୍କ ଗୁରୁବାର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେ ମୁକୁନ୍ଦ ପାତ୍ର ଡିଗ୍ରୀ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ଥିଲେ। କଲେଜରୁ ସ୍କୁଟିରେ ଫେରୁଥିବା ସମୟରେ ଚଣ୍ଡିଖୋଲ ନିକଟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କଲେଜ ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀଙ୍କ ସମେତ ଦୈନିକ ପର୍ଯ୍ୟବେକ୍ଷକର ସମ୍ପାଦକ ଡ. ପବିତ୍ର ମୋହନ ସାମନ୍ତରାୟ ପ୍ରମୁଖ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ଦିବ୍ୟଜ୍ୟୋତି ମୁଖାଗ୍ନି ଦେଇଥିଲେ।

# ଭିଡ଼ରେ ଫସିଲା ଆମ୍ବୁଲାନ୍ସ

ଯାଜପୁରରୋଡ୍,୨୪।୫(ପବିତ୍ର ରଞ୍ଜନ ମହାନ୍ତି)

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ

- ଟ୍ରାଫିକ ନିୟନ୍ତ୍ରଣରେ ପୋଲିସ ବିଫଳ
- ପ୍ରୀତିରଞ୍ଜନଙ୍କୁ ଭାଷଣ ଦେବାର ସୁଯୋଗ ମିଳିଲାନି
- କୋରେଇ ପ୍ରାର୍ଥୀଙ୍କ ନାଁ ନେଲେନି ଅଶୋକ ବଳ




କୋରେଇ ନିର୍ବାଚନମଣ୍ଡଳୀ ଅଧୀନ ତଳଗଡ଼ ପଞ୍ଚାୟତର ନାଗୁଆଁ ଖେଳପଡ଼ିଆଠାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଛି। ଏଠାରେ ବହୁ ଏପାଖ ସେପାଖ ଦେଖିବାକୁ ମିଳିଛି। ଏହି ସଭା ଅପରାହ୍ନ ୪ଟା୪୫ରେ ହେବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ୧ ଘଣ୍ଟା ବିଳମ୍ବରେ ସଭା ସ୍ଥଳରେ ଆସି ପହଞ୍ଚିଥିଲେ। ସଭାପାଇଁ ଯାଜପୁର ଜିଲାର ୭ ନିର୍ବାଚନମଣ୍ଡଳୀର ବିଜେଡି କର୍ମୀ, ନେତାମାନେ ବସ, ଚାରିଚକିଆ ଯାନ ଓ ବାଇକ ଯୋଗେ ବହୁ ସଂଖ୍ୟାରେ ଆସିଥିଲେ। ସଭାସ୍ଥଳଟି ୨୦ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଆୟୋଜିତ ହୋଇଥିବାରୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। କିନ୍ତୁ ଅତ୍ୟଧିକ ଯାନବାହାନ ଏକ ସମୟରେ ପହଞ୍ଚିଯିବାରୁ ଉକ୍ତ ଜାତୀୟ ରାଜପଥର ଉଭୟ ପଟୁ ୨ କିଲୋମିଟର ପର୍ଯ୍ୟନ୍ତ ଟ୍ରାଫିକ ଜାମ ହୋଇଥିଲା।

ଏହି ସମୟରେ ରୋଗୀନେଇ କେନ୍ଦୁଝରରୁ କଟକ ଅଭିମୁଖେ ଯାଉଥିବା ଏକ ଆମ୍ବୁଲାନ୍ସ ଦୀର୍ଘ ସମୟ ଧରି ଏହି ଜାମରେ ଫସି ରହିଥିଲା। ଟ୍ରାଫିକ ପୋଲିସ ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ଦେଖାଯାଇଥିଲା। ଅନ୍ୟପଟେ ସଭାସ୍ଥଳରେ ଦଳ ପକ୍ଷରୁ ଲୋକଙ୍କ ପାଇଁ ପାନୀୟ ଜଳର ସୁ ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ହନ୍ତସନ୍ତ ହୋଇଥିଲେ। ଭାଷଣ ଦେବାକୁ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ନାମ ଘୋଷଣା କରାଯାଇଥିଲା। ହେଲେ ତାଙ୍କୁ ଭାଷଣ ଦେବାର ସୁଯୋଗ ଦିଆଯାଇ ନ ସଙ୍ଗେ ସଙ୍ଗେ ସାଂସଦ ପ୍ରାର୍ଥୀ ଶର୍ମିଷ୍ଠା ସେଠୀଙ୍କୁ ଭାଷଣ ଦେବାକୁ ସୁଯୋଗ ଦିଆଯାଇଥିଲା। ଯାହାକୁ ନେଇ ଉପସ୍ଥିତ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବିଧାୟକ ଅଶୋକ ବଳ ସ୍ୱାଗତ ଭାଷଣରେ କୋରେଇ ବିଧାୟିକା ପ୍ରାର୍ଥୀଙ୍କ ନାମ ନେଇ ନ ଥିବା ଦେଖାଯାଇଥିଲା।

## ନାବାଳିକା ଅପହରଣ ମାମଲାରେ ପୋଲିସ ଚୁପ

### ଏସ୍‌ପିଙ୍କୁ ଭେଟିଲେ ପରିବାର

ପାଣିକୋଇଲି,୨୪।୫(ବିକାଶ ମଲ୍ଲିକ)

ଧର୍ମଶାଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ମାମଲାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେଣୁ ପୋଲିସଠାରୁ ନ୍ୟାୟ ନ ପାଇ ନାବାଳିକାଙ୍କ ପରିବାର ଲୋକେ ଯାଜପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇବା ସହ ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୋଗ ମୁତାବକ, ସମ୍ପୃକ୍ତ ନାବାଳିକାଙ୍କ କୁଆଖିଆ ଥାନା ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ବିଶ୍ୱଜିତ ସାହୁ ନାମକ ଯୁବକ ଅପହରଣ କରିଛନ୍ତି। ଏନେଇ ନାବାଳିକାଙ୍କ ପରିବାର ଲୋକେ ଧର୍ମଶାଳା ଥାନାରେ ଗତ ୨୦ ତାରିଖରେ ଅଭିଯୋଗ କରିଛନ୍ତି। ମାତ୍ର ପୋଲିସ ଏତଲା ଗ୍ରହଣ କରିଥିଲେ ମଧ ଅପହରଣକାରୀଙ୍କୁ ଧରି ପାରୁନାହିଁ କି ଅପହୃତାଙ୍କୁ ଉଦ୍ଧାର କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଏପରି କି ଘଟଣାର ତଦନ୍ତ ମଧ କରୁନାହିଁ ବୋଲି ନାବାଳିକାଙ୍କ ପରିବାର ଏସ୍‌ପିଙ୍କୁ ଜଣାଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରବିନାରାୟଣ


@ ମୃତ୍ୟୁଞ୍ଜୟ


@ ଲିପି


@ ସୁକାନ୍ତ



@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡକାୟତି ଯୋଜନା ପଣ୍ଡ, ୭ ଗିରଫ

## ବହୁ ମାରଣାସ୍ତ୍ର ଜବତ

ଯାଜପୁରରୋଡ୍,୨୪।୫
(ପବିତ୍ର ରଞ୍ଜନ ମହାନ୍ତି)


ଗିରଫ ୭ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

ଯାଜପୁରରୋଡ ଆଦର୍ଶ ଥାନା ଅନ୍ତର୍ଗତ ରମ୍ଭାସ ଆଇଟିଆଇ ଖେଳ ପଡିଆରେ ଡକାୟତି ଯୋଜନା କରୁଥିବା ସମୟରେ ପୋଲିସ ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କଠାରୁ ଏକ ଖଣ୍ଡା ଓ କାତି ସହ ୭ ମୋବାଇଲ ଫୋନ୍ ଜବତ କରିଛି। ସେମାନେ ଯଖପୁରା ଥାନା ଦଶମାଣିଆ ଅଞ୍ଚଳର ଆକାଶ ପ୍ରଧାନ, ଅରୁଣ ପ୍ରଧାନ, ଅର୍ଜୁନ ପ୍ରଧାନ, ଶଙ୍କର ପ୍ରଧାନ, କୋରେଇ ଥାନା ପଛିକୋଟ ଅଞ୍ଚଳର ନରେଶ ଦାସ, କେନ୍ଦୁଝର ଜିଲା ଲୁଣିଆ ପାଟଣା ଅଞ୍ଚଳର ଶିଶିର କୁମାର ନାଥ ଓ ଯାଜପୁରରୋଡ଼ ଥାନା ମୁଣ୍ଡମାଳ ଅଞ୍ଚଳର ସଗଲ ରାହୁଲ ବୋଲି ଜଣାପଡିଛି। ଏହି ଡକାୟତି ଯୋଜନା ସମ୍ପର୍କରେ ବୁଧବାର ରାତିରେ ଦାନଗଦି ଫାଣ୍ଡି ଅଧିକାରୀ ଅଜୟ କୁମାର ସାହୁ ବିଶ୍ୱସ୍ତସୂତ୍ରରୁ ଖବର ପାଇଥିଲେ। ଏନେଇ ସେ ଯାଜପୁରରୋଡ ଥାନାକୁ ଜଣାଇବା ପରେ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ସଦଳବଳ ଚଢ଼ାଉ କରି ସେମାନଙ୍କୁ କାବୁ କରିବା ସହିତ ମରଣାସ୍ତ୍ର ଜବତ କରିଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୩୫୪।୨୪ ରୁଜୁ ହୋଇଛି।

# ଆଜି ଧର୍ମଶାଳାରେ ପାଣ୍ଡିଆନଙ୍କ ପ୍ରଚାର

ଧର୍ମଶାଳା,୨୪।୫(ବଟକୃଷ୍ଣ ପରିଡ଼ା)



ଧର୍ମଶାଳା ବ୍ଲକ୍ ଅଧୀନ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଧର୍ମଶାଳା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ଓ ଯାଜପୁର ଲୋକ ସଭା ପ୍ରାର୍ଥୀ ଶର୍ମିଷ୍ଠା ସେଠୀଙ୍କ ପାଇଁ ଶନିବାର ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ପ୍ରଚାର କରିବେ। ସେ ହେଲିକପ୍ଟର ଯୋଗେ ଆସି ଅପରାହ୍ନରେ ଧର୍ମଶାଳା କଲେଜ ଖେଳ ପଡ଼ିଆରେ ଓହ୍ଲାଇବେ। ସେଠାରୁ ତାଙ୍କୁ ବିଜେଡି ପକ୍ଷରୁ ବିରାଟ ପଟୁଆରରେ ମହୋତ୍ସବ ପଡିଆ ପର୍ଯ୍ୟନ୍ତ ପାଛୋଟି ଅଣାଯିବ। ତାଙ୍କର ଏହି ଗସ୍ତକୁ ନେଇ ବିଜେଡି ପକ୍ଷରୁ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ଏଥିସହିତ ତାଙ୍କ ଗସ୍ତକୁ ନେଇ ଧର୍ମଶାଳା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।



## ନାଉଗାଁ ବ୍ଲକ: ୭୬ ମତଦାନ କେନ୍ଦ୍ରରେ ୭୦,୨୪୧ ମତଦାତା

ନାଉଗାଁ,୨୪।୫(ସୁଧା ବେହୁରା)

ଜଗତ୍‌ସିଂହପୁରରେ ୧ ଜୁନ୍‌ରେ ଲୋକସଭା ଓ ବିଧାନସଭା ପାଇଁ ମତଦାନ ଅନୁଷ୍ଠିତ ହେବ। ଏନେଇ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ବୁଥ୍‌ଗୁଡ଼ିକୁ ଯାଞ୍ଚ କରାଯାଇଛି। ଉକ୍ତ ବ୍ଲକରେ ୭୬ଟି ମତଦାନ କେନ୍ଦ୍ରରେ ୭୦,୨୪୧ ମତଦାତା ସେମାନଙ୍କର ମତ ସାବ୍ୟସ୍ତ କରିବେ। ସେଥିରୁ ୩୬,୬୨୧ ଜଣ ପୁରୁଷ ଓ ୩୩,୬୧୬ ଜଣ ମହିଳା ଭୋଟର ହୋଇଥିବାବେଳେ ୪ ଜଣ କିନ୍ନର ମତଦାତା ବୋଲି ଜଣାପଡ଼ିଛି। ୭୬ ମତଦାନ କେନ୍ଦ୍ର ମଧ୍ୟରୁ ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ୩୦ମତଦାନ କେନ୍ଦ୍ର ରହିଥିବାବେଳେ ଆଦର୍ଶ ମତଦାନ କେନ୍ଦ୍ର ୮ଟି ଓ ସ୍ୱତନ୍ତ୍ର ମତଦାନ କେନ୍ଦ୍ର ୩ଟି ରହିଛି। ମତଦାତାଙ୍କ ମଧ୍ୟରେ ୫୭ଜଣ ବରିଷ୍ଠ ନାଗରିକ, ୨୨ ଜଣ ଶାରୀରିକ ଅକ୍ଷମ ଭୋଟର ରହିଛନ୍ତି।

# ସ୍ୱାଧୀନ ବିଧାୟକ ପ୍ରାର୍ଥୀଙ୍କ କାର୍ଯ୍ୟାଳୟରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ବାଲିକୁଦା, ୨୪।୫(ତାପସ ସ୍ୱାଇଁ)

### ବାଲିକୁଦାରେ ପ୍ରାକ ନିର୍ବାଚନୀ ହିଂସା



ନିଆଁରେ ସଞ୍ଜୀବ ବିଶ୍ୱାଳଙ୍କ ଟେଣ୍ଟ ପୋଡ଼ିଯାଇଛି।

ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରେ ପ୍ରାକ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଏହି ନିର୍ବାଚନ ମଣ୍ଡଳୀର ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ଦଶବାଟିଆ ବଜାରରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସଞ୍ଜୀବ ବିଶ୍ୱାଳଙ୍କ ନିର୍ବାଚନୀ କାର୍ଯ୍ୟାଳୟକୁ ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଛନ୍ତି। ଏନେଇ ସ୍ଥାନୀୟ ଅନନ୍ତପୁର ଫାଣ୍ଡିରେ ସଞ୍ଜୀବଙ୍କ ସମର୍ଥକ ପ୍ରତାପ ସ୍ୱାଇଁ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ୧୦ଟାରେ ସଞ୍ଜୀବଙ୍କ ସମର୍ଥକମାନେ ଅଫିସ କାର୍ଯ୍ୟାଳୟ ବନ୍ଦ କରି ଘରକୁ ଫେରିଥିଲେ। ଏହାର ସୁଯୋଗ ନେଇ ପଛପଟୁ କିଛି ଯୁବକ ନିଆଁ ଲଗାଇ ଦେଇଥିଲେ। ବଜାରରେ ଥିବା ସଞ୍ଜୀବଙ୍କ ସମର୍ଥକମାନେ ଏହି କାଣ୍ଡ ଘଟାଇଥିବା ବ୍ୟକ୍ତିଙ୍କୁ ଚିହ୍ନିବା ପାଇଁ ପ୍ରୟାସ କରିଥିଲେ ମଧ୍ୟ ଦୁର୍ବୃତ୍ତ ଅନ୍ଧାରର ସୁଯୋଗ ନେଇ ଖସି ଯାଇଥିଲେ। ପରେ ସଞ୍ଜୀବଙ୍କ ସମର୍ଥକ ନିଆଁକୁ ଆୟତ୍ତ କରିଥିବାବେଳେ ଏଥିରେ ଟେଣ୍ଟ କପଡ଼ାର କିଛି ଅଂଶ ଓ ସଞ୍ଜୀବଙ୍କ ବଡ଼ ବ୍ୟାନର ପୋଡ଼ିଯାଇଥିଲା। ଅଭିଯୋଗ ପାଇବା ପରେ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପଣ୍ଡା ଏନେଇ ମାମଲା ନଂ.୨୨୪/୨୪ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସଞ୍ଜୀବ ଶାସକ ବିଜେଡି ଦଳରୁ ଟିକେଟ ନ ପାଇ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ରବିନାରାୟଣ



@ ମୃତ୍ୟୁଞ୍ଜୟ



@ ଲିପି



@ ସୁକାନ୍ତ



@ ସୁଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜଗତ୍‌ସିଂହପୁର ସହରରେ ଅମରେନ୍ଦ୍ରଙ୍କ ମାରାଥନ ପ୍ରଚାର



ସମର୍ଥକ ସହ ଅମରେନ୍ଦ୍ର ଦାସ ବାଇକ ଶୋଭାଯାତ୍ରାରେ ଯାଉଛନ୍ତି।

ଜଗତ୍‌ସିଂହପୁର, ୨୪।୫
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ଅମରେନ୍ଦ୍ର ଦାସ ଗୁରୁବାର ଜଗତ୍‌ସିଂହପୁର ପୌରାଞ୍ଚଳରେ ମାରାଥନ ପ୍ରଚାର କରିଛନ୍ତି। ସେ ପୂର୍ବାହ୍ନ ୧୦ଟାରେ ଗାନ୍ଧୀ ଛକ ନିକଟରେ ପହଞ୍ଚି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବାଇକ୍ ଶୋଭାଯାତ୍ରାରେ ବାହାରି ଥିଲେ। ପ୍ରଥମେ ପୌରାଞ୍ଚଳର ୨ନଂ. ୱାର୍ଡ ଅନ୍ତର୍ଗତ ବଡ଼ବାଗରୁ ଶୋଭାଯାତ୍ରା ଆରମ୍ଭ କରିଥିଲେ। ଏହି ୱାର୍ଡରେ ବର୍ତ୍ତମାନର କଂଗ୍ରେସ କାଉନସିଲରଙ୍କ ସ୍ୱାମୀ ପୂର୍ବତନ କାଉନସିଲର ନିରଞ୍ଜନ ସେଠୀଙ୍କ ଲୋକପ୍ରିୟତା ଯୋଗୁ ବହୁ ସଂଖ୍ୟକ ଲୋକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପରେ କଣ୍ଟାବଲ୍ଲଭପୁର, ଗାଲୁପଡ଼ା, ଅତାମଳା, ଦେଭୋଗ, ରସଲପୁର, କାଳିଆବୋରା, ପାଣିସାଳିଆ, ସିପି-ମକୁନ୍ଦପୁର, ଦେଉଳିଗ୍ରାମେଶ୍ୱର, ବେଲପୋଖରୀ, ଓହଳ, ପୋଟଳ ସମେତ ୧, ୯, ୧୦, ୧୧, ୧୨, ୧୩, ୧୪, ୧୫, ୧୬, ୧୭, ୧୮ ୧୯, ୨୦ ଓ ୨୧ ନମ୍ବର ୱାର୍ଡରେ ପ୍ରଚାର କରିଥିଲେ। ଏହି ଅବସରରେ ସେ ବିଭିନ୍ନ ସ୍ଥାନରେ ଅଟକି ଭୋଟ ଭିକ୍ଷା କରିଥିଲେ। ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ଭାଜପା ନେତା ଓ କର୍ମୀଙ୍କ ଏହି ଶୋଭାଯାତ୍ରା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଉନସିଲର ପ୍ରଦୀପ୍ତ ସାହୁ, ସୁଶୀଲ ଦାସ, ରବି ସେନାପତି, ସୁଶାନ୍ତ ସ୍ୱାଇଁ, ଜଗତ୍‌ସିଂହପୁର ନଗର ଭାଜପା ସଭାପତି ଅକ୍ଷୟ ପାତ୍ର, ସଂଖ୍ୟାଲଘୁ ନେତା ସେକ ଜାହିର ଉଦ୍ଦିନ, ଜଗତ୍‌ସିଂହପୁର ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, କାଉନସିଲର ଦେବାଶିଷ ସ୍ୱାଇଁ ଓ ଗୋଲାମ ଅଲ୍ଲୀ ଖାଁ ପ୍ରମୁଖ ସାମିଲ ହୋଇଥିଲେ।

# ସଂଖ୍ୟାଲଘୁ ବସ୍ତିରେ ୨ ବଖରା ଜଳିଗଲା

କୁଜଙ୍ଗ,୨୪।୫(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମର ସଂଖ୍ୟାଲଘୁ ବସ୍ତିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୨ ବଖରା ଜଳିଯାଇଛି। ଖବରପାଇ କୁଜଙ୍ଗରୁ ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିବାବେଳକୁ ସବୁ ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡରେ ସଂଖ୍ୟାଲଘୁ ବସ୍ତିର ଜାକିର ଖାଁ(ଗୁଁଠୁଲି) କ୍ଷତିଗ୍ରସ୍ତ ହୋଇଛନ୍ତି। ତାଙ୍କର ଓ ପୁଅଙ୍କ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ି ଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ପଙ୍କପାଳରେ ଏକ ଯାତ୍ରା ପଡ଼ିଥିଲା। ତାଙ୍କ ସ୍ତ୍ରୀ ସସୀମା ବିବି ଓ ଅନ୍ୟମାନେ ଏହି ଯାତ୍ରା ଦେଖିବାକୁ ଯାଇଥିଲେ। ଶୁକ୍ରବାର ପ୍ରାୟ ଭୋର ୪ଟାରେ ଗୁଁଠୁଲିଙ୍କ ଉପରେ ନିଆଁ ଖଣ୍ଡେ ପଡ଼ିବାରୁ ସେ ନିଦରୁ ଉଠି ପଡ଼ିଥିଲେ। ଘର ଜଳୁଥିବା ଦେଖି ଚିତ୍କାର କରି ଜୀବନ ବିକଳରେ ଘରୁ ପଦାକୁ ଡେଇଁ ପଡିଥିଲେ। ସୌଭାଗ୍ୟବଶତଃ ଘରକୁ ଲାଗିଥିବା ଗୁହାଳ ଘର ଓ ସେଥିରେ ଥିବା ଛେଳିଗୁଡ଼ିକ ରକ୍ଷା ପାଇଯାଇଛନ୍ତି। ଖବରପାଇ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ ପୀଡ଼ିତ ପରିବାରକୁ ଭେଟି ସାନ୍ତ୍ୱନା ଦେଇଛନ୍ତି। ଏଥିସହ ରନ୍ଧା ଓ ଶୁଖିଲା ଖାଦ୍ୟ ପ୍ରଦାନ କରିବା ସହ ଜରି ପାଲ ମଧ୍ୟ ଦେଇଛନ୍ତି।

# ଗୀତାଞ୍ଜଳିଙ୍କ ନିର୍ବାଚନୀ ପ୍ରଚାର

କୁଜଙ୍ଗ,୨୪।୫(ମନୋଜ ପ୍ରଧାନ)

ପାରାଦୀପ ନିର୍ବାଚନମଣ୍ଡଳୀ ବିଜେଡି ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ ନିର୍ବାଚନୀ ପ୍ରଚାର ଜୋରଦାର କରିଛନ୍ତି। କୁଜଙ୍ଗ ବ୍ଲକ ସଦର ମହକୁମା ପଞ୍ଚାୟତ କୁଜଙ୍ଗ ପଞ୍ଚାୟତ ସରପଞ୍ଚ ବନ୍ଦିତା ଦାସଙ୍କ ନେତୃତ୍ୱରେ ପଞ୍ଚାୟତର ବିଭିନ୍ନ ଗଳିକନ୍ଦିରେ ସେ ମାରାଥନ ପ୍ରଚାର କରିଛନ୍ତି। ଏହି ପ୍ରଚାରରେ ସମିତି ସଭ୍ୟା ସସ୍ମିତା ନାୟକ, ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡ଼ା, ରଘୁନାଥ ସାହୁ, ପୂର୍ବତନ ସମିତି ସଭ୍ୟ କବିରଞ୍ଜନ ବେହେରା, ପଞ୍ଚାୟତ କାର୍ଯ୍ୟକାରୀ ସଭାପତି ବିଚିତ୍ରାନନ୍ଦ ପ୍ରଧାନ, ଲୋକନାଥ ଦାସ, ବିକାଶ ଦାସ, ଚିରଞ୍ଜୀବ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ମିଥ୍ୟା ପ୍ରତିଶ୍ରୁତି ଦେଇ ଭଣ୍ଡେଇ ଚାଲିଛନ୍ତି ବିରୋଧୀ



ସମର୍ଥକଙ୍କ ଗହଣରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ. ହିମାଂଶୁ ଭୂଷଣ ମଲ୍ଲିକ।

ରଘୁନାଥପୁର,୨୪।୫
(ରାଜେନ୍ଦ୍ର ନାରାୟଣ ସିଂହ)

### ତାରପୁରରେ କଂଗ୍ରେସ କର୍ମୀ ବୈଠକ, ଅଫିସ ଉଦ୍‌ଘାଟନ

ରଘୁନାଥପୁର ବ୍ଲକ ତାରପୁର ପୁରୁଣା ବଜାରରେ ବ୍ଲକ କଂଗ୍ରେସ ପକ୍ଷରୁ ଏକ କର୍ମୀ ବୈଠକ ଓ ପାର୍ଟି ଅଫିସ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ. ହିମାଂଶୁ ଭୂଷଣ ମଲ୍ଲିକ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟରେ ସରକାର ମିଥ୍ୟା ପ୍ରତିଶ୍ରୁତି ଦେଇ ନିରୀହ ଶ୍ରମିକ, ଚାଷୀ ଓ ମହିଳାଙ୍କୁ ଭଣ୍ଡେଇ ଚାଲିଛନ୍ତି ବୋଲି କହିଥିଲେ। ଏହି ଅବସରରେ ସେ କଂଗ୍ରେସକୁ ସମର୍ଥନ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଏଥିସହ ନିର୍ବାଚନ ପାଇଁ ନୂତନ ପାର୍ଟି ଅଫିସ ଉଦ୍‌ଘାଟନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ କଂଗ୍ରେସ ସଭାପତି ବିଷ୍ଣୁ ବିଶ୍ୱାଳ, ବ୍ଲକ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ସର୍ବଭାରତୀୟ ଜାତୀୟ ଯୁବକଂଗ୍ରେସ କମିଟି ସଦସ୍ୟ ବିଜୟ ଦାଶ, ପ୍ରଦୀପ ନାୟକ, ଭିକାରୀ ଦାସ, ବୁଲା ରାଉତଙ୍କ ସହ ବହୁ ବରିଷ୍ଠ କର୍ମୀ ଓ ଯୁବକମାନେ ଯୋଗଦେଇଥିଲେ।

# ୪ ନମ୍ବର ଜୋନ୍‌ରେ ଶାରଦାଙ୍କ ଭୋଟ ପ୍ରଚାର

କୁଜଙ୍ଗ,୨୪।୫(ମନୋଜ ପ୍ରଧାନ)

ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ଶାରଦା ପ୍ରସନ୍ନ ଜେନା ଶୁକ୍ରବାର ବ୍ଲକର ୪ ନମ୍ବର ଜୋନ୍‌ରେ ଭୋଟରଙ୍କୁ ଭେଟି ତାଙ୍କ ସପକ୍ଷରେ ଭୋଟ୍ ଦେବାକୁ ଅନୁରୋଧ କରିଛନ୍ତି। ସେ ପ୍ରଥମେ ଗଡ଼କୁଜଙ୍ଗସ୍ଥିତ ପ୍ରଭୁ କୁଞ୍ଜବିହାରୀଙ୍କୁ ଦର୍ଶନ କରିଥିଲେ। ପରେ ବାଇକ୍ ଶୋଭାଯାତ୍ରାରେ ଗଡ଼କୁଜଙ୍ଗ, ନୂଆଗାଁ, ଢିଙ୍କିଆ, ବାଲିତୁଠ, ବାମଦେଇପୁର, ଚଟୁଆ ଓ ବଳେଇପୁର ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜନସାଧାରଣଙ୍କୁ ଭେଟି ଭୋଟ ଭିକ୍ଷା କରିଥିଲେ। ଏହି ଶୋଭାଯାତ୍ରାରେ ଗଡ଼କୁଜଙ୍ଗ ସରପଞ୍ଚ କବିତା ଦାସ, ଢିଙ୍କିଆ ସରପଞ୍ଚ କିଶୋର ପରିଡ଼ା, ବାମଦେଇପୁର ସରପଞ୍ଚ ବୈଜୟନ୍ତୀମାଳା ମହାନ୍ତି, ଅସିତ୍ କୁମାର ସ୍ୱାଇଁ, କେଶବ ରାଉତ, ତାମିଲ ପ୍ରଧାନ, ଅଦ୍ୱୈତ ଭୂୟାଁ, ରାଜେନ୍ଦ୍ର ବେହେରା, ବିଷ୍ଣୁ ପ୍ରଧାନ, ସମ୍ପଦ ବାରିକ, ସଞ୍ଜୟ ମହାପାତ୍ର, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବ୍ଲକ ବିଜେଡି ସଭାପତି ପୀତବାସ ଗୋଚ୍ଛାୟତ ପ୍ରମୁଖ ସାମିଲ ଥିଲେ।

# ନିର୍ବାଚନ କାର୍ଯ୍ୟରେ ଗାଡ଼ି ଦାଖଲ ନ କରିବା ମହଙ୍ଗା ପଡ଼ିଲା

ଜଗତ୍‌ସିଂହପୁର, ୨୪।୫
(ପ୍ରମୋଦ କୁମାର ନାୟକ)

### ୨ ଗାଡ଼ି ମାଲିକଙ୍କ ବିରୋଧରେ ଗିରଫ ପରୱାନା ଜାରି

୨୦୨୪ ସାଧାରଣ ନିର୍ବାଚନ ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଗାଡି ନିୟୋଜନ ପାଇଁ ମାଲିକମାନଙ୍କୁ ନିର୍ଦ୍ଦେଶ ହୋଇଛି। କିନ୍ତୁ ୨ଟି ଗାଡି ନିର୍ଦ୍ଦେଶ ଖିଲାପ କରିଥିବାରୁ ଏହି ଗାଡି ମାଲିକଦ୍ୱୟଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଛି। ସେମାନେ ହେଲେ ଗୌରହରି ନାୟକ ଓ ନୈବେଦ୍ୟ ନାୟକ। ଗୌରହରିଙ୍କ ଗାଡି (ନଂ. ଓଡି ୦୫ଏକ୍ସ ୭୪୦୫) ଓ ନୈବିଦ୍ୟଙ୍କ ଗାଡି (ନଂ. ଓଡି ୦୨ସିଡି ୩୨୪୮) ଜବତ କରିବା ପାଇଁ ମଧ୍ୟ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ହୋଇଛି। ଏ ସଂକ୍ରାନ୍ତୀୟ ରିପୋର୍ଟ ୪୮ ଘଣ୍ଟା ମଧ୍ୟରେ ଜଣାଇବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅନୁପମ ସାହା ନିର୍ଦ୍ଦେଶ କରିଛନ୍ତି। ତେବେ ଏହି ନିର୍ଦ୍ଦେଶକୁ ସିଆର୍‌ପିସି ୧୫୪ ଧାରା ଅନୁଯାୟୀ ଏଫଆଇଆର୍ ଭାବେ ବିବେଚନା କରାଯିବ ବୋଲି ଜିଲାପାଳ ସାହା ନିର୍ଦ୍ଦେଶ ଦେଇଛନ୍ତି। ସେ ଏକଥା ମଧ୍ୟ କହିଛନ୍ତି, ନିର୍ବାଚନ ସମୟରେ ଜନ ପ୍ରତିନିଧି ଅଧିନିୟମ ୧୯୫୧ ଏବଂ ଆଚରଣ ସଂହିତାର ଉଲ୍ଲଂଘନ ହେଲେ ନିୟମ ଆଧାରରେ ଆଗକୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନା ଅନୁଯାୟୀ ଜନ ପ୍ରତିନିଧି ଅଧିନିୟମ ୧୯୫୧ ଅନ୍ତର୍ଗତ ଧାରା ୧୬୦ ଅନୁସାରେ ଆବଶ୍ୟକତା ଦୃଷ୍ଟିକୋଣରୁ ଜିଲାପାଳ ଶାହା ୨ଟି ଗାଡିକୁ ତାଙ୍କ ମାଲିକଙ୍କ ଦ୍ୱାରା ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଏହି ଗାଡିଗୁଡ଼ିକୁ ଉତ୍ତମ ଅବସ୍ଥା ଓ ଚାଳକ ସହିତ ନିର୍ଦ୍ଧାରିତ ତାରିଖ ସୁଦ୍ଧା ନିର୍ବାଚନ ଡେପୁଟି କଲେକ୍ଟରଙ୍କ ନିକଟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗାଡିର ମାଲିକମାନେ ଜନ ପ୍ରତିନିଧି ଅଧିନିୟମ ଅନ୍ତର୍ଗତ ବିଭାଗ ୧୬୦ ଧାରା ଉଲ୍ଲଘଂନ କରି ଏହି ଗାଡି ଦୁଇଟିକୁ ଧାର୍ଯ୍ୟ ସମୟ ଏବଂ ସ୍ଥାନରେ ଦାଖଲ କରି ନ ଥିଲେ। ଫଳରେ ଜିଲାପାଳ ଜନ ପ୍ରତିନିଧି ଅଧିନିୟମ ୧୯୫୧ ଅନ୍ତର୍ଗତ ବିଭାଗ ୧୬୭, ୧୬୦(୧) ଓ ଆଇପିସି ୧୮୮ ପ୍ରୟୋଗ କରି ସେହି ଦୁଇ ଗାଡି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ସମୟରେ ଜନପ୍ରତିନିଧି ଅଧିନିୟମ ୧୯୫୧ ଏବଂ ଆଚରଣ ସଂହିତାର ଉଲ୍ଲଘଂନ ହେଲେ ନିୟମ ଆଧାରରେ ଆଗକୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଚେତାବନୀ ଦେଇଛନ୍ତି।

# ଭାଜପାରେ ମିଶିଲେ ବିଜେଡି କର୍ମକର୍ତ୍ତା

ରଘୁନାଥପୁର, ୨୪।୫
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ପୂରଣ ଓଡ଼ପଡାସ୍ଥିତ ମଣ୍ଡପରେ ଭାଜପାର ମହାମିଶ୍ରଣ ପର୍ବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତିଙ୍କ ଉପସ୍ଥିତିରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ରଘୁନାଥପୁର ବ୍ଲକ ବିଜେଡିର ବହୁ କର୍ମକର୍ତ୍ତା ଓ ନେତା ଭାଜପାରେ ଯୋଗ ଦେଇଛନ୍ତି। ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ବିଜେଡି ଜିଲା ଉପସଭାପତି ସରୋଜକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଟିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠୀ, ପୂର୍ବତନ ତାରପୁର ସରପଞ୍ଚ ସରୋଜ କୁମାର ଦାସ, ଅଢ଼େଇକୁଳ ସରପଞ୍ଚ ଶେଷଦେବ ସେଠୀ, ଜଗନ୍ନାଥପୁର ସରପଞ୍ଚ ପୁରୁଷୋତ୍ତମ ସ୍ୱାଇଁ, ଧରାଧାରପୁର ସରପଞ୍ଚଙ୍କ ସ୍ୱାମୀ ଯୁଗଳ କିଶୋର ମଲ୍ଲିକ ପ୍ରମୁଖ ପଟୁଆରରେ ଆସି ମଣ୍ଡପ ନିକଟରେ ପହଞ୍ଚିଥିଲେ। ସେଠାରେ ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରେଇ ଓ ବିଧାୟକ ପାର୍ଥୀ ରାଜକିଶୋର ବେହେରା ସ୍ୱାଗତ କରି ସଭା ସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଏନେଇ ଆୟୋଜିତ ସଭାରେ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ କର୍ମକର୍ତ୍ତା ସଞ୍ଜୟ ଦାସ, ଜିଲାସ୍ତରୀୟ କର୍ମକର୍ତ୍ତା ସୁବାସ ଜେନା, ଅଶୋକ ମହାରଣା ପମୁଖ ଉପସ୍ଥିତ ଥିଲେ। ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



# ଗାଁରେ ବୁଲିଲା ଖଣ୍ଡା, ଫୁଟିଲା ଗୁଳି




ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ପରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

## ଭଗବାନପୁର ଗାଁରେ ନିର୍ବାଚନୀ ହିଂସା

- ଗଣ୍ଡଗୋଳର ଭିଡିଓ ଭାଇରାଲ
- ଜଣେ ଆହତ, ମୁଖ୍ୟ ଅଭିଯୁକ୍ତଙ୍କ ସହ ୩ ଗିରଫ
- ଫୋର୍ସ ମୁତୟନ, ପୋଲିସର ଫ୍ଲାଗ୍‌ମାର୍ଚ୍ଚ
- ଘଟଣାସ୍ଥଳ ପରିଦର୍ଶନ କଲେ ଏସ୍‌ପି

ନୟାଗଡ଼୨୪।୫ (ଲୋକନାଥ ମିଶ୍ର)

ଶନିବାର ନିର୍ବାଚନ। ତେବେ ନିର୍ବାଚନ ପୂର୍ବରୁ ଅଶାନ୍ତ ହୋଇ ପଡିଛି ନୟାଗଡ଼ ପୋଲିସ ଜିଲାର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ। ବିଜେଡିକୁ ଭୋଟ ନ ଦେଲେ ହତ୍ୟା ଧମକ ଦିଆଯିବା ସହ ଫାଙ୍କା ଗୁଳିଚାଳନା କରି ଫତେଗଡ଼ ଥାନା ଭଗବାନପୁର ଗାଁରେ ଭୋଟରମାନଙ୍କୁ ଗୁରୁବାର ଅପରାହ୍ନରେ ଭୟଭୀତ କରାଯାଇଥିଲା। ପରେ ଖଣ୍ଡା, ଭୁଜାଲି, ଠେଙ୍ଗା ପରି ମାରଣାସ୍ତ୍ରରେ ବିଜେଡିର କେତେଜଣ ସମର୍ଥକଙ୍କ ମିଳିତ ଆକ୍ରମଣରେ କୃଷ୍ଣଚନ୍ଦ୍ର ସାହୁ ଆହତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷେ ଗାଁରେ ଖଣ୍ଡା ଧରି ଭୟଭୀତ କରାଇଉଥିବାର ଭିଡିଓ ଭାଇରାଲ ହୋଇଛି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଘଟଣାର ସମାଧାନ କରୁଛି। ଗାଁରେ ୧ ପ୍ଲାଟୁନ ଫୋର୍ସ ମୁତୟନ ଅଛନ୍ତି। ପୁଣି ଗାଁରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ପୋଲିସ ମୁଖ୍ୟ ଅଭିଯୁକ୍ତ ରାମଚନ୍ଦ୍ର ସାହୁଙ୍କ ସମେତ ଦିଲ୍ଲୀପ କୁମାର ପ୍ରଧାନ, ଲୋକନାଥ ସାହୁ ପ୍ରମୁଖ ୩ ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚୁରା କରୁଛି। ନୟାଗଡ ଏସପି ରାହୁଲ ଜୈନ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି।

ଏନେଇ କୃଷ୍ଣଚନ୍ଦ୍ର ସାହୁଙ୍କ ପତ୍ନୀ ସବିତା ସାହୁ କୁହନ୍ତି ଗୁରୁବାର ଅପରାହ୍ନ ସମୟରେ ମୁଁ ଘରେ ଥିବାବେଳେ ମୋ ଗାଁର ବିଦ୍ୟାଧର ପ୍ରଧାନ, ଲୋକନାଥ ସାହୁ, ସନ୍ତୋଷ ଦାସ, ପ୍ରମୋଦ ସାହୁ, ଦିଲ୍ଲୀପ ପ୍ରଧାନ, ବିଦ୍ୟାଧର ରଣା, ଅଖିଳ ଡାକୁଆ ଅଖିଳ ସାହୁ ପ୍ରମୁଖ ବନ୍ଧୁକ, ଭୁଜାଲି, ଠେଙ୍ଗା ପରି ମାରଣାସ୍ତ୍ର ଧରି ସଂଘବଦ୍ଧ ହୋଇ ଘର ଆଗରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କଲେ। ଗାଳିଗୁଲଜର କାରଣ ପଚାରିବାରୁ ପୁଅକୁ ମାରି ଦେବୁ। ଘର ଭାଙ୍ଗି ଦେବୁ। ପୁଅ କୁଆଡେ ଗଲା। ଶଙ୍ଖ ଚିହ୍ନକୁ ଭୋଟେ ନ ଦେଇ ପଦ୍ମଫୁଲରେ ଭୋଟ ଦେଲେ ପରିସ୍ଥିତି ସାଂଘାତିକ ହେବ ବୋଲି ଧମକ ଦେଇ ଚାଲିଲେ। ମୋତେ ଭୟଭୀତ କରାଇବାକୁ ପ୍ରମୋଦ ସାହୁ ଫାଙ୍କା ଗୁଳିଚାଳନା କଲେ। ପରିସ୍ଥିତି ଉତ୍ତେଜନା ଦେଖି ମୋ ସ୍ୱାମୀ ଘଟଣାସ୍ଥଳରେ ପହଞ୍ଚିବାରୁ ସେମାନେ ମିଳିତ ଆକ୍ରମଣ କଲେ। ମୋ ସ୍ୱାମୀଙ୍କୁ ମାରପିଟ୍ କରିବାବେଳେ ମୋତେ ଉଲଗ୍ନ କରି ମାରପିଟ୍ କଲେ ବୋଲି ମୁଁ ଥାନାରେ ଅଭିଯୋଗ କରିଛି ବୋଲି କହିଛନ୍ତି। ଅନ୍ୟପକ୍ଷେ ଆମେ ଆମ ପସନ୍ଦର ବ୍ୟକ୍ତିଙ୍କୁ ଭୋଟ ଦେବାକୁ ଚିନ୍ତା କରିବାରୁ ଆମ ଜୀବନ ଦୁର୍ବିସହ ହୋଇ ପଡିଛି। ଏହି ଘଟଣାରେ ଭାଜପା ପ୍ରାର୍ଥୀ ଦୁଷ୍ମନ୍ତ କୁମାର ସ୍ୱାଇଁ କହିଛନ୍ତି ବିଜେଡି ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ଆତଙ୍କରାଜ ଚଳାଇଛି। ଭୋଟରମାନେ ଭୋଟ ଦେବାକୁ ଭୟ କଲେଣି। ଜୋରଜବରଦସ୍ତ କାହାଠାରୁ କ'ଣ ଭୋଟ ନିଆଯାଇପାରିବ। ପୋଲିସ ଏହାକୁ ଗୁରୁତର ସହ ନେବା ଦରକାର ବୋଲି କହିଛନ୍ତି। ଏସ୍‌ପି ରାହୁଲ ଜୈନ କୁହନ୍ତି, ଭଗବାନପୁର ଗାଁରେ ଯୁବକ ଖଣ୍ଡା ବୁଲାଇବା ଘଟଣା ବ୍ୟକ୍ତିଗତ ଗଣ୍ଡଗୋଳ ଥିଲା। ଏହା ରାଜନୈତିକ ବିବାଦ ନ ଥିଲା। ମତାନ୍ତର ଭିତରେ ଯୁବକ ଏଭଳି କାଣ୍ଡ ଘଟାଇଥିଲା। ଘଟଣା ରାଜନୈତିକ ରୂପ ନ ନେବା ପାଇଁ ପୋଲିସ ପକ୍ଷରୁ ସବୁ ପ୍ରକାରର ପଦକ୍ଷେପ ନିଆଯାଇଛି। ଏନେଇ ଫତେଗଡ ଥାନାରେ ୧୧୧/୨୪ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ରେଡ ହୋଇଥିଲା। ମୁଁ ବି ରେଡରେ ସାମିଲ ଥିଲି। ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗାଁରେ ଶାନ୍ତି ପ୍ରତିଷ୍ଠା ପାଇଁ ସ୍ଥାନୀୟ ଲୋକଙ୍କୁ ଅପିଲ ଓ ଗାଁ ଲୋକଙ୍କ ସହ ଆଲୋଚନା କରି ଆସିଛୁ। ବିଭିନ୍ନ ରାଜନୈତିକ ଦଳର ନେତାଙ୍କୁ ନେଇ ଶାନ୍ତି କମିଟି ଗଠନ କରାଯାଇ ଶାନ୍ତି ସ୍ଥାପନ ପାଇଁ ଉଦ୍ୟମ ଚାଲିଛି। ରାଜନୈତିକ ଦଳର ନେତାଙ୍କଠାରୁ ଆଶ୍ୱସନା ମିଳିଛି ରାଜନୈତିକ ହିଂସା ହେବ ନାହିଁ। ଶାନ୍ତି ଶୃଙ୍ଖଳାରେ ନିର୍ବାଚନ ଶେଷ କରିବାକୁ ସହମତି ମିଳିଛି। ଅନ୍ୟପକ୍ଷେ ସବିତା ସାହୁଙ୍କ ଅଭିଯୋଗକୁ ପୋଲିସ ଅନୁଧ୍ୟାନ କରୁଛି ବୋଲି କହିଥିଲେ। ସେହିପରି ବିରିଡିହ ହିଂସା ଘଟଣାରେ ପୋଲିସର ତଦନ୍ତ ଚାଲୁ ରହିଛି। ପୋଲିସ ଜଣକୁ ଅଟକ ରଖି ପଚରାଉଚୁରା କରୁଛି ବୋଲି କହିଥିଲେ ।

## ଘଟଣାସ୍ଥଳ ପରିଦର୍ଶନ କଲେ ଏସ୍‌ପି

ନୟାଗଡ଼/ଖଣ୍ଡପଡା୨୪।୫
(ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା)

ଖଣ୍ଡପଡା ଥାନା ରାଣୀପଡା ପଞ୍ଚାୟତର ବିରିଡିହି ଗ୍ରାମରେ ଗୁରୁବାର ରାତିରେ ପ୍ରାକ ରାଜନୈତିକ ହିଂସାକାଣ୍ଡ ଘଟଣା ଘଟିଥିବା ଅଭିଯୋଗ ହୋଇଛି । ଶାସକ ବିଜେଡି ସମର୍ଥକଙ୍କ ମରଣାନ୍ତକ ଆକ୍ରମଣରେ ୨ ଭାଜପା ସମର୍ଥକ ଗୁରୁତର ଆହତ ହୋଇଥିବା ଜଣାପଡିଛି । ବିଜେଡିକୁ କାହିଁକି ଭୋଟ ଦେଉନ ଦର୍ଶାଇ ବିରିଡିହି ଗାଁର ଗୋପାଳ ଚନ୍ଦ୍ର ପଣ୍ଡା, ଗୋପାଳଙ୍କ ପୁଅ ଓ ସମର୍ଥକମାନେ ମିଳିତ ହୋଇ ଗାଁ ଦାଣ୍ଡରେ ସେହି ଗାଁର ଆନନ୍ଦ ଚନ୍ଦ୍ର ପଣ୍ଡା, ଆନନ୍ଦଙ୍କ ପୁଅ ଙ୍କୁ ଆକ୍ରମଣ କରିଥିଲେ । ଆହତମାନଙ୍କୁ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

ଖବର ପାଇ ଖଣ୍ଡପଡା ଥାନା ପୋଲିସ ବିଳମ୍ବିତ ରାତିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଜନସାଧାରଣ ପୋଲିସ ଅଧିକାରୀ ମାନଙ୍କୁ ଘେରି ଯାଇ ପାଟିତୁଣ୍ଡ କରିଥିଲେ । ଏହି ଘଟଣାକୁ କେନ୍ଦ୍ର କରି ବିରିଡିହି ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ୪.୨୯ ଲକ୍ଷ ଟଙ୍କା ଠକେଇ
## ଫାଇନାନ୍ସ କର୍ମଚାରୀଙ୍କ ସମେତ ୨ ଗିରଫ

ଖଲ୍ଲିକୋଟ,୨୪।୫(ପ୍ରଶାନ୍ତ କୁମାର ମିଶ୍ର)

ଏକ ଫାଇନାନ୍ସ କମ୍ପାନୀର ୪ଲକ୍ଷ ୨୯ ହଜାର ଟଙ୍କା ଠକେଇ କରି ସାଙ୍ଗଙ୍କ ସହ ଫାଇନାନ୍ସ କର୍ମଚାରୀ ଶୁକ୍ରବାର ଗିରଫ ହୋଇଛନ୍ତି। ସେମାନେ ହେଲେ ଫାଇନାନ୍ସ କର୍ମଚାରୀ ଖୋର୍ଦ୍ଧା ଜିଲା ଶଗଡ଼ଭଙ୍ଗା ନନ୍ଦପୁର ପାଟଣାର ପ୍ରତାପ କୁମାର ଦତ୍ତ ଓ ତାଙ୍କ ସାଙ୍ଗ ନୟାଗଡ଼ ଜିଲା ଓଡଗାଁ ଥାନା କ୍ରୁମ ବାଙ୍କାତାରା ଗ୍ରାମର ହୃଦାନନ୍ଦ ସାହୁ। ଉଭୟେ ସବୁ ଟଙ୍କାରେ ଅନଲାଇନ ଗେମ୍ ଖେଳିଥିବା ଜଣାପଡ଼ିଛି। ଭେଜିପୁଟ କାଳିଜାଈ ଷ୍ଟେଶନ ରୋଡ଼ରେ ଥିବା ଏକ କମ୍ପାନୀରୁ ଟଙ୍କା ଠକେଇ ହୋଇଥିବା ନେଇ ଏରିଆ ମ୍ୟାନେଜର ସୁଶାନ୍ତ କୁମାର ସାହୁ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୨୫/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଥିଲା। ଠକେଇରେ ଫାଇନାନ୍ସ କର୍ମଚାରୀ ପ୍ରତାପ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ତାଙ୍କୁ ପୁରୀରୁ ଗିରଫ କରାଯାଇଥିଲା। ପ୍ରତାପଙ୍କୁ ପଚରାଉଚରା କରିବା ପରେ ତାଙ୍କ ସାଙ୍ଗ ହୃଦାନନ୍ଦଙ୍କୁ ନୟାଗଡ଼ରୁ ଗିରଫ କରାଯାଇଛି।

## ଆଜି ୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର

ରଣପୁର,୨୪।୫(ସୁକାନ୍ତ କିଶୋର ଡ଼ାକୁଆ)

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ଶନିବାର ଅନୁଷ୍ଠିତ ହେବ । ଏଥିପାଇଁ ସମସ୍ତ ପ୍ରସ୍ତୁତ ଶେଷ ହୋଇଛି । ପୁରୀ ଲୋକସଭା କ୍ଷେତ୍ରରେ ଥିବା ରଣପୁର ନିର୍ବାଚନମଣ୍ଡଳୀ ଭୋଟ ଗ୍ରହଣ ପାଇଁ ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମୁଦାୟ ୮ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨ଲକ୍ଷ ୮ହଜାର ୮୦୭ ମହିଳା ଓ ପୁରୁଷ ଭୋଟର । ସେଥିମଧ୍ୟରୁ ମହିଳା ଭୋଟର ସଂଖ୍ୟା ୧ଲକ୍ଷ ୩୧ ଥିଲା ବେଳେ ପୁରୁଷଭୋଟର ସଂଖ୍ୟା ୧ ଲକ୍ଷ ୮ ହଜାର ୭ଶହ ୬୨ ଜଣ । ଥାର୍ଡ ଜେଣ୍ଡର ୧୪ ଜଣ ଭୋଟର ଅଛନ୍ତି । ଭାଜପାରୁ ସୁରମା ପାଢ଼ୀ. କଂଗ୍ରେସରୁ ବିଭୁପ୍ରସାଦ ମିଶ୍ର, ବିଜେଡିରୁ ସତ୍ୟନାରାୟଣ ପ୍ରଧାନଙ୍କ




ରଣପୁରରେ ଏକ ଆଦର୍ଶ ଭୋଟ ଗ୍ରହଣ କେନ୍ଦ୍ର।

ସମେତ ଆମ ଆଦମୀ ପାର୍ଟିରୁ ସୁଧୀର ଦାସ,ସିପିଏମ୍‌ରୁ ସରୋଜ ନାୟକଙ୍କ ସହିତ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ହେଲେ କୃଷ୍ଣ ଚନ୍ଦ୍ର ମହାପାତ୍ର, ସନ୍ତୋଷ ଦାସ, ହୁଲାସ ବାରିକ।

ରଣପୁର ବ୍ଲକର ୩୭ଟି ପଞ୍ଚାୟତ ସହିତ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୧୫ଟି ୱାର୍ଡ, ଓଡ଼ଗାଁ ବ୍ଲକର ଗୋଡିପଡା ଓ ଶରଣକୁଳ ୧୮ଜୋନ୍‌କୁ ନେଇ ଏହି ନିର୍ବାଚନ ମଣ୍ଡଳୀ ଗଠିତ ହୋଇଛି। ଭୋଟ ଗ୍ରହଣ ପାଇଁ ୨୪୦ ବୁଥ କରାଯାଇଛି। ରଣପୁର ବ୍ଲକ ଓ ବିଜ୍ଞପିତ ଅଞ୍ଚଳ ପରିଷଦର ସମୁଦାୟ ୧୬୩ଟି ବୁଥ ରହିଛି । ଓଡ଼ଗାଁ ବ୍ଲକ ଅଧୀନରେ ଥିବା ଶରଣକୁଳ ଓ ଗୋଡିପଡା ଅଞ୍ଚଳରେ ୭୭ ବୁଥ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ୧୦୫ ଜଣ ଭୋଟର ଘରେ ରହି ଭୋଟ ଦେଇଛନ୍ତି। ପ୍ରତ୍ୟେକ ଭୋଟ ଗ୍ରହଣ କେନ୍ଦ୍ରରେ ୨ ଜଣ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରାଯାଇଛି । ପ୍ରତି ବୁଥରେ ଭିନ୍ନକ୍ଷମଙ୍କ ପାଇଁ ହ୍ୱଇଲି ଚେୟାର ରଖାଯାଇଛି। ୨୩ଟି ମଡେଲ ବୁଥ ହୋଇଛି । ସେଥିମଧ୍ୟରୁ ସଖୀ ବୁଥ, ଆଦର୍ଶ ବୁଥ ଓ ଯୁବ ପରିଚାଳିତ ବୁଥକୁ ମଡେଲ ବୁଥ କରାଯାଇଛି । ସମ୍ବେଦନଶୀଳ ବୁଥ୍‌ରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବାର ବ୍ୟବସ୍ଥା କରାଯାଇଛି। କେତେକ ବୁଥ୍‌ରେ ୱେବ୍ କାଷ୍ଟିଂ ବ୍ୟବସ୍ଥା କରାଯିବା ସହ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ସବୁଠି ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରବିନାରାୟଣ



@ ମୃତ୍ୟୁଞ୍ଜୟ



@ ଲିପି



@ ସୁକାନ୍ତ




@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପିକଅପ୍ ଭ୍ୟାନ୍‌ରୁ ଖସି ବାଳକ ମୃତ

ଖଣ୍ଡପଡ଼ା,୨୪।୫
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡ଼ା-ରୟତ ଢୋଲମରା ଗ୍ରାମ୍ୟ ରାସ୍ତାରେ ଏକ ପିକ୍‌ଅପ୍ ଭ୍ୟାନରୁ ଖସିପଡି ଜଣେ ବାଳକଙ୍କ ମୃତ୍ୟୁ ହୋଇଛି । ମୃତ ବାଳକଙ୍କ ନାମ ମୁନା ଦାସ(୧୫) । ସେ କୁମ୍ଭାରପଡ଼ା ଗ୍ରାମର ପବିତ୍ର ଦାସଙ୍କ ସାନପୁଅ । କୁମ୍ଭାରପଡ଼ା ଗ୍ରାମ ମା'ପୂର୍ଣ୍ଣିମା ରାମନାଟ୍ୟ ସଂସଦର ଜଣେ କଳାକାର ଭାବେ ଜଣାଶୁଣା ମୁନା ଗୁରୁବାର ରାତିରେ ଗଣିଆ ବ୍ଲକ୍ ଅଧୀନ ଇନ୍ଦିପଟା ଗ୍ରାମରେ ନାଟକ ପରିବେଷଣ କରି ଗ୍ରାମକୁ ଫେରୁଥିବା ବେଳେ ଏଭଳି ଅଘଟଣ ଘଟିଥିଲା । ଖବରପାଇ ମୁନାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ପ୍ରଥମ ଗଣିଆ ଓ ପରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।



